ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Vol.26 . No.123 Bhubaneswar Tuesday June 20 2023 | ୨୬ତମ ବର୍ଷ ସଂଖ୍ୟା–୧୨୩ ଭୁବନେଶ୍ୱର, ମଙ୍ଗଳବାର, ଜୁନ ୨୦, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

# ୭ ଜିଲ୍ଲାକୁ ଛାଡି ଅନ୍ୟ ସବୁ ଜିଲ୍ଲାରେ ୨୧ରୁ ଖୋଲିବ ସ୍କୁଲ



ଭୁବନେଶ୍ୱର,୧୯।୬(ପି.ଏନ): ଚଳିତମାସ ୨୧ତାରିଖରୁ ରାଜ୍ୟର ସମସ୍ତ ସ୍କୁଲ ଖୋଲିବ । ଗ୍ରୀଷ୍ମଛୁଟି ପରେ ୨୧ତାରିଖରୁ ସ୍କୁଲ ଖୋଲୁଥିଲେ ମଧ୍ୟ ୭ଟି ଜିଲ୍ଲାରେ ଗ୍ରୀଷ୍ମପ୍ରବାହର ପରିସ୍ଥିତିକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ସକାଳୁଆ ସ୍କୁଲ କିମ୍ବା ସମ୍ପୂର୍ଣ୍ଣ ଛୁଟି ପାଇଁ ନିଷ୍ପତ୍ତି ନେଇପାରିବେ । ବାକି ୨୩ଟି ଜିଲ୍ଲାରେ ଜୁନ୍ ୨୧ରେ ଗ୍ରୀଷ୍ମଛୁଟି ଖୋଲିବ ଓ ସ୍ୱାଭାବିକ ସମୟରେ ସ୍କୁଲ ପାଠପଢ଼ା ହେବ ।ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆଜି ସମସ୍ତ ଜିଲ୍ଲାପାଳଙ୍କୁ ଏନେଇ ନିର୍ଦ୍ଦେଶନାମା ଜାରି ହୋଇଛି । ରାଜ୍ୟର ସମସ୍ତ ସ୍କୁଲର ଗ୍ରୀଷ୍ମ ଛୁଟି ୨୧ତାରିଖରୁ ଖୋଲିବ । ପାଣିପାଗ ଆକଳନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏନେଇ ବିଚାରବିମର୍ଶ କରିବା ପରେ ୨୧ତାରିଖରୁ ସ୍କୁଲଗୁଡିକ ସ୍ୱାଭାବିକ ସମୟରେ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି । ତେବେ ପ୍ରତିଷେଧକମୂଳକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ସୁନ୍ଦରଗଡ, ସମ୍ବଲପୁର, ଝାରସୁଗୁଡା, ବରଗଡ, ଅନୁଗୁଳ, ସୁବର୍ଣ୍ଣପୁର ଓ ବଲାଙ୍ଗିର ଭଳି ୭ଟି ଜିଲ୍ଲାର ଜିଲ୍ଲାପାଳମାନେ ପାଣିପାଗ ପରିସ୍ଥିତିକୁ ଚାହିଁ ସକାଳୁଆ ସ୍କୁଲ କିମ୍ବା ସମ୍ପୂର୍ଣ୍ଣ ଛୁଟି ଘୋଷଣା କରିପାରିବେ । ଏହି ୭ଟି ଜିଲ୍ଲାକୁ ଛାଡି ଦେଲେ ବାକି ୨୩ଟି ଜିଲ୍ଲାରେ ସ୍ୱାଭାବିକ ସମୟ(ରେଗୁଲାର ଟାଇମ)ରେ ସ୍କୁଲ ଖୋଲିବ । ବିଭାଗ ପକ୍ଷରୁ ପାଣିପାଗ ସ୍ଥିତି ଉପରେ ସତର୍କ ନଜର ରଖାଯାଇଛି ।



















# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ଐସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଇଁଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଇଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଇଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟୁରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡ଼ାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତୃ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ମୋମୋ ସଇତାନର ଇନ୍ଦ୍ରଜାଲ

**—ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ—**



ବ୍ଲୁହ୍ୱେଲ୍ ଗେମ୍‌ଠାରୁ ଆହୁରି ଭୟଙ୍କର ଏହି ମୋମୋ ବର୍ତ୍ତମାନ ପିଲାଙ୍କ ପାଇଁ ପାଲଟିଛି ମୃତ୍ୟୁର ଚାଲେଞ୍ଜ। କେବଳ ପିଲା ନୁହଁନ୍ତି ଯୁବପୀଢ଼ି ଏହାର ଶିକାର ହେଲେଣି। ଦେଶବ୍ୟାପୀ ଏହି ମୋମୋ ଚାଲେଞ୍ଜର ଭୟାନକ ପରିଣତି ଛାତି ଥରାଇ ଦେଲାଣି। ଓଡ଼ିଶାର ରାଉରକେଲାର ଇଞ୍ଜିନିୟରିଂ ଛାତ୍ର ଚେତନ କୁମାର, କୋଡିଏ ବର୍ଷ ବୟସର ଏହି କମ୍ପ୍ୟୁଟର ସାଇନ୍ସ ପଢୁଥିବା ଇଞ୍ଜିନିୟର ମେଧାବୀ ଛାତ୍ର ମୋମୋର ମୃତ୍ୟୁ ଫାଶ ଭିତରେ ଚକ୍ରବ୍ୟୁହର ଅଭିମନ୍ୟୁଙ୍କ ପରି ଭୁବନେଶ୍ୱରରୁ ଯାଇ ଚେନ୍ନାଇରେ ଆତ୍ମହତ୍ୟା କରିଛନ୍ତି। ପ୍ରଥମେ ହ୍ୱାଟସ୍‌ଆପ ମେସେଞ୍ଜର ଜରିଆରେ ଏହି ଗେମ୍‌ର ଲିଙ୍କ ପାଇବା ପରେ ବ୍ୟବହାରକାରୀମାନେ ଆକୃଷ୍ଟ ହୋଇପଡ଼ନ୍ତି ଓ ଖେଳରେ ମାତିବା ପରେ ମୋମୋର ଏକ ଆକାଉଣ୍ଟ ଖୋଲିଥାନ୍ତି। ପରେ ନିଜକୁ ବା ନିଜ ପରିବାରକୁ ଭୁଲିବାର ସନ୍ଦେଶ ମିଳିଥାଏ। ଏହା ପରେ ପରେ ଏକ ଭୟାନକ ଚିତ୍ର ଆସିଥାଏ ଯାହାର ନିର୍ଦ୍ଦେଶ ନମାନିଲେ




ପରିଣାମ ଅତ୍ୟନ୍ତ ଭୟଙ୍କର ହେବ ବୋଲି ଚେତାବନୀ ଦିଆଯାଏ। ଭାରତରେ କାୟା ବିସ୍ତାର କରିଥିବା ଏହି ମୋମୋ ଓଡ଼ିଶାରେ ମୃତ୍ୟୁର ଫାଶ ନେଇ ପହଞ୍ଚି ସାରିଲାଣି।

ଏହି ମୋମେ ଗେମ୍ ହ୍ୱାଟସ୍‌ଆପ ଜରିଆରେ ଏକ ଅଜଣା ନମ୍ବରରୁ ଆସି ଆପଣଙ୍କ ପିଲାଟି ଧରୁଥିବା ମୋବାଇଲ ଫୋନ ବା ତା ସାଇବର ସାଇଟରେ ନିମନ୍ତ୍ରଣ ପାଇଥାଏ। ପରେ ପରେ ଏହା ଭୟାନକ ଦିଗ ସବୁ ଦେଖାଇଥାଏ। ତା ଭିତରେ ପିଲାମାନେ ସହଜ ଶିକାର ହୋଇଯାଆନ୍ତି। ଆଜିକାଲି ସବୁ କାମ ଅନ୍‌ଲାଇନରେ କରିବା ସହ ହାତ ପାଆନ୍ତାରେ କିପରି ଚାହୁଁଥିବା ସମସ୍ତ ସାମଗ୍ରୀ ମିଳିଯିବ ଏହା ପାଇଁ ଲୋକମାନଙ୍କ ଭିତରେ ଏକ ଅହେତୁକ ଦୁର୍ବଳତା ବଢୁଛି। କିଣାକିଣି ହେଉ ବା ଗେମ୍ ଖେଳିବା। କେବଳ ବଡ଼ମାନଙ୍କର ନୁହେଁ, ପିଲାମାନେ ମଧ୍ୟ ଅନ୍‌ଲାଇନ ପ୍ଲାଟଫର୍ମର ବହୁଳ ବ୍ୟବହାର କରୁଛନ୍ତି। ସବୁବେଳେ ଅନ୍‌ଲାଇନରେ ରହିବା ଦ୍ୱାରା ମାନସିକ ଶାନ୍ତି ନଷ୍ଟ ହେବା ସହ ପିଲାଟି ମଧ୍ୟ ମାନସିକ ରୋଗର ଶିକାର ହେବାର ସମ୍ଭାବନା ଥାଏ। ଆଜିକାଲିର ପିଲାମାନେ ଖେଳକୁଦ କରିବା ତଥା ବୁଲାବୁଲି କରି ସାଙ୍ଗସାଥିଙ୍କ ଭିତରେ ସମୟ କାଟିବା ଅପେକ୍ଷା ଘରେ ହେଉ ବା ସାଇବର କେଫ୍ ହେଉ ଭିଡ଼ିଓ ଗେମ୍‌କୁ ଖେଳିବାକୁ ପସନ୍ଦ କରୁଛନ୍ତି। ଯାହାଦ୍ୱାରା ଅନ୍‌ଲାଇନ ଭିଡ଼ିଓ ଗେମ୍‌କ୍ରେଜ୍ ବଢୁଛି। ଆଉଟ ଡୋର ଗେମ୍ ଅପେକ୍ଷା ଏବଂ କାଉଣ୍ଟର ଷ୍ଟ୍ରାଇକ୍ ରେସିଂ ଗେମ୍ ଏବଂ ଭାଟିକାନ ସିଟି ଭଳି ଥ୍ରିଡି ଥ୍ରିଲ ଗେମ୍‌ରେ ପିଲାମାନେ ମନ ଦେଉଛନ୍ତି। ଅତ୍ୟଧିକ ଭିଡ଼ିଓ ଗେମ୍ ଖେଳିବା ମାନସିକ ବିକୃତିର କାରଣ ବୋଲି କୁହାଯାଇଛି।

ଆଜିକାଲିର ବ୍ୟସ୍ତ ବହୁଳ ଜୀବନ ଓ ଅଧିକାଂଶ ପରିବାରର ବାପା-ମାଆ ଦୁଇଜଣ କର୍ମଜୀବୀ ହେବାରୁ ପ୍ରାୟତଃ ପିଲାମାନଙ୍କୁ ସମୟ ଦେବାର ସୁଯୋଗ ପାଆନ୍ତି ନାହିଁ। ପିଲାମାନଙ୍କ ହାତପାହାନ୍ତାରେ ମୋବାଇଲ ସହଜରେ ଉପଲବ୍ଧ ହେଉଥିବାରୁ ଏହାକୁ ମୋମୋ ରାକ୍ଷାସ ସହଜରେ ନିଜ ଶିକାର କରିବାର ସୁଯୋଗ ପାଇପାରୁଛି। ପିଲାଟି ଯଦି ପ୍ରାୟ ସମୟ ଚୁପଚାପ ବା ଉଦାସ ରହୁଥାଏ, ସାଙ୍ଗ ଓ ପରିବାର ଲୋକଙ୍କ ଠାରୁ ଦୂରେଇ ଏକାକୀ ରହିବାକୁ ଭଲ ପାଉଥିଲେ, ହଠାତ୍ ରାଗିଯିବା, ଖାଇବା, ପଢ଼ିବା ଓ ଶୋଇବାରେ ଅନିୟମିତତା ରଖିଲେ ଆପଣମାନେ ସତର୍କ ରୁହନ୍ତୁ। କେତେକ କ୍ଷେତ୍ରରେ ପିଲାଟି ନିଜ ଗାଧୁଆ ଘର ହେଉ ବା ବ୍ୟକ୍ତିଗତ କୋଠରୀରେ ନିଜକୁ କ୍ଷତାକ୍ତ କରିଥାଏ। ଓଡ଼ିଶାର କ୍ରାଇମବ୍ରାଞ୍ଚ ପିଲାମାନଙ୍କୁ ସହଜ ଶିକାର କରୁଥିବା ଏହି ମୋମୋ ସାଇବର ସାଇଟ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହ ପିଲାମାନଙ୍କୁ, ଅଭିଭାବକମାନଙ୍କୁ ଓ ଶିକ୍ଷାୟତନମାନଙ୍କୁ ନିୟମିତ ପରାମର୍ଶ ଦେଉଛନ୍ତି। ଆପଣଙ୍କ ପିଲାଟିର ଚାଲିଚଳନ ଓ ବ୍ୟବହାର ହଠାତ୍ ପରିବର୍ତ୍ତନ ହେଲେ ଏହା ହେଉଛି ପ୍ରଥମ ସଙ୍କେତ। ଆପଣଙ୍କ ପିଲାଟି ଯଦି ଜୀବନ ନେଉଥିବା ଏହି ଖେଳ ଖେଳୁଥିବ, ତାହାହେଲେ ସେ ନିଶ୍ଚିତ ଭାବରେ ଇଣ୍ଟରନେଟର ଗୁଗୁଲ୍‌ରେ ସର୍ଚ୍ଚ କରି ଏହାର ତଥ୍ୟ ରଖୁଥିବ। ତେଣୁ ପିଲାଟି ହାତରେ ମୋବାଇଲ ଫୋନ ରହୁଥିଲେ ତାର ମେସେଜ୍ ଓ ଇ-ମେଲ୍ ଆକାଉଣ୍ଟ ଦେଖନ୍ତୁ। ପିଲାଟି ସ୍କୁଲରେ ବା ତା ସାଙ୍ଗସାଥିଙ୍କ ସହ ମିଶୁଥିବାବେଳେ ଅଜବ, ବିଚିତ୍ର, ଅଭୂତପୂର୍ବ ଆଚରଣ କରୁଥିଲେ ଏ କ୍ଷେତ୍ରରେ ପିଲାଟିର ଶିକ୍ଷକ ଶିକ୍ଷୟିତ୍ରୀମାନେ ତା ସହିତ ନିୟମିତ ସମ୍ପର୍କ ରଖି ପଚାରି ବୁଝନ୍ତୁ। ପିଲାଟି ବ୍ୟବହାର କରୁଥିବା ସ୍ମାର୍ଟ ଫୋନରେ 'ଗୁଡ୍ ସାଇବର' ନାମକ ଆପ୍ ଡାଉନ୍‌ଲୋଡ୍ କରନ୍ତୁ ଯାହାଦ୍ୱାରା ଆପଣ ତା'ର ଅଜାଣତରେ ଜାଣିପାରିବେ ଯେ ସେ ଫୋନ୍‌ରେ କାହାସହ ସମ୍ପର୍କ ରଖୁଛି ଓ କ'ଣ କରୁଛି। କାରଣ ଏହି ଗେମ୍ କେବଳ ହ୍ୱାଟସ୍‌ଆପ୍ ଜରିଆରେ ଖେଳାଯାଇପାରିବ। ତେଣୁ ପିଲାଟିର ହ୍ୱାଟସ୍‌ଆପ ନିୟମିତ ଯାଞ୍ଚ କରନ୍ତୁ। ପିଲାଟି ଯଦି ନିଜ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗଙ୍କ ବ୍ୟତୀତ କେଉଁ ନୂଆ ବ୍ୟକ୍ତି ସହ ଚାର୍ଟ କରୁଛନ୍ତି ଜାଣିଲେ ଏହାକୁ ବ୍ଲକ କରନ୍ତୁ। ଏ କ୍ଷେତ୍ରରେ ଅଭିଭାବକମାନେ ସାଇବର ବିଶେଷଜ୍ଞ ଓ ଆଇଟି ବିଶେଷଜ୍ଞଙ୍କ ସହ ଯୋଗାଯୋଗ କରିପାରନ୍ତି। ଏହି ମୋମୋ ରାକ୍ଷାସର କବଳରୁ ପିଲାଟିକୁ ବଞ୍ଚାଇବା ପାଇଁ କେବଳ ଦାୟିତ୍ୱ ବାପା-ମାଆଙ୍କର ନୁହେଁ; ଶିକ୍ଷାୟତନର ମଧ୍ୟ ଅଛି। ପିଲାଟି ପଢୁଥିବା ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ତାର ଚାଲିଚଳନ ଓ ବ୍ୟବହାର ସମ୍ପର୍କରେ ନଜର ରଖି ନିୟମିତ ଭାବରେ ତାଙ୍କ ଅଭିଭାବକଙ୍କ ସହ ଯୋଗାଯୋଗରେ ରୁହନ୍ତୁ। ପିଲାଟିର ବ୍ୟବହାରରେ ପରିବର୍ତ୍ତନ ଦେଖିଲେ ତା' ଉପରେ ବିରକ୍ତି, ଗାଳିମନ୍ଦ, ମାରଧର ବା ଜୋରଜବରଦସ୍ତ ବା ମୋବାଇଲ ଫୋନ ଛଡ଼ାଇ ନିଅନ୍ତୁ ନାହିଁ। ଏହାଦ୍ୱାରା ପିଲାଟି ହିଂସ୍ର, ଜିଦ୍‌ଖୋର ଓ ପ୍ରତିଶୋଧପରାୟଣ ହୋଇ କୌଣସି ମୁହୂର୍ତ୍ତରେ କ'ଣ ବି କରିପାରେ। ପିଲାଟି ସହିତ ସମୟ କାଢ଼ି ତା ସହିତ ସୁଖଦୁଃଖ କଥାବାର୍ତ୍ତା ହୁଅନ୍ତୁ, ଜୀବନର ମୂଲ୍ୟବୋଧ ବିଷୟରେ ଅବଗତ କରାନ୍ତୁ। ଅଜଣା ନମ୍ବରରୁ ମେସେଜ୍ ଆସିଲେ ଡିଲିଟ୍ କରିଦିଅନ୍ତୁ, ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ପ୍ରାଇଭେସି ସେଟିଙ୍ଗକୁ ସର୍ବଦା ଅନ୍ ରଖନ୍ତୁ। ଯାହାକି ମୋବାଇଲରେ ଥିବା ଅଜଣା ନମ୍ବର ଲୋକଙ୍କୁ ହ୍ୱାଟସ୍‌ଆପ୍‌ରେ ରଖାଯିବ ନାହିଁ। ପିଲାଟି ପାଇଁ ଏକ ଭଲ ରୁଟିନ୍ ତିଆରି କରନ୍ତୁ। ତାର ଖାଇବା, ପାଠପଢ଼ିବା, ବିଶ୍ରାମ ନେବା ଓ ସାଙ୍ଗସାଥିଙ୍କ ସହ ମିଳାମିଶା ପାଇଁ ସଠିକ୍ ସମୟ ନିର୍ଦ୍ଧାରଣ କରନ୍ତୁ। ସମୟ ପାଇଲେ ପିଲାଟିର ମନ ମୁତାବକ ବାହାର ଜାଗାକୁ ବୁଲାଇ ନିଅନ୍ତୁ। ଦର୍ଶନୀୟ ସ୍ଥାନ, ମେଳା ମହୋତ୍ସବ ବା ପାର୍କ ବା ଦେବାଳୟ ତା ଇଚ୍ଛାରେ ନିଜକୁ ସାମିଲ କରନ୍ତୁ। ପିଲାଟିର ଏ ସଂକ୍ରାନ୍ତ କୌଣସି ସମସ୍ୟା ଥିଲେ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଆଜିକାଲି ଓଡ଼ିଶା ସରକାର ପିଲାମାନଙ୍କ ପାଠପଢ଼ା ଓ ମନୋରଞ୍ଜନ ପାଇଁ ଅନେକ ବ୍ୟବସ୍ଥା ରଖିଛନ୍ତି, ଏହାର ସୁଯୋଗ ନିଅନ୍ତୁ। ଭଗବାନଙ୍କ ଉପରେ ବିଶ୍ୱାସ ରଖନ୍ତୁ, ଉପରୋକ୍ତ ସୂଚନା ମୁତାବକ ଜୀବନଚର୍ଯ୍ୟାରେ ପିଲାଙ୍କୁ ସାମିଲ କରାଇଲେ ଦେଖିବେ ଆପଣଙ୍କ ସବୁ ଚିନ୍ତା ଦୂର ହୋଇଯିବ, ପିଲାଟି ଏହି ମୋମୋ ରାକ୍ଷାସର କବଳରୁ ମୁକ୍ତି ପାଇ ଭଲ ଜୀବନଟି ବିତାଇ ପାରିବ।

*-ସହଯୋଗୀ ପ୍ରଫେସର, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪, ଇ-ମେଲ୍: drjyotiranjanchampatray123@gmail.com*

# ସମ୍ବିଧାନରେ ଶିଶୁଙ୍କ ପାଇଁ ବାସ୍ତବତା

ଶିଶୁ ହେଉଛନ୍ତି ଆଗାମୀ ଭବିଷ୍ୟତର ସୁନେଲି କଢ଼ିକା। ସେମାନଙ୍କୁ ଆଖି ଆଗରେ ରଖି କେବଳ ପିତାମାତା ନୁହଁନ୍ତି ସମାଜ ବି ନିଜର ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ ରକ୍ଷା କରାଯାଉଛି। ତେବେ ଚିରାଚରିତ ଭାବରେ ପ୍ରତିବର୍ଷ ଶିଶୁଦିବସ ମହାଆଡ଼ମ୍ବର ସହକାରେ ପାଳିତ ହୋଇଆସୁଥିବାବେଳେ ବାସ୍ତବିକ ଭାବରେ ସେମାନଙ୍କ ପାଇଁ କେତେଦୂର ଆମେ ଚିନ୍ତିତ? ଅନେକ ହୁଏତ ଜାଣିନଥିବେ ସମ୍ବିଧାନ ତିଆରି କଲାବେଳେ ଦେଶର ବିଧି ନିର୍ମାତାମାନେ ଆଗାମୀ ପିଢ଼ି ପାଇଁ ମଧ୍ୟ ସ୍ୱପ୍ନ ଦେଖିଥିଲେ। କହିବାକୁ ଗଲେ ଦେଶର ଭବିଷ୍ୟତ ପୀଢ଼ି ପାଇଁ ସେମାନେ ପ୍ରତିଶ୍ରୁତି ଦେଇଥିଲେ ସମ୍ବିଧାନ ମାଧ୍ୟମରେ। ଶିଶୁମାନଙ୍କ ପାଇଁ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଯୋଗାଣ ରାଜ୍ୟର କର୍ତ୍ତବ୍ୟ ବୋଲି ସେମାନେ ସ୍ଥିର କରିଥିଲେ। ରାଜ୍ୟମାନଙ୍କରେ ମଧ୍ୟ ଦିନକୁ ଦିନ ପୁଷ୍ଟିକର ଖାଦ୍ୟର ବଜେଟ୍ ବଢୁଛି, ମାତ୍ର କୁପୋଷଣର ହାର ସେହି ଅନୁଯାୟୀ କମ୍ ହେଉନାହିଁ। ଆଜି ପର୍ଯ୍ୟନ୍ତ ଦେଶରେ ୬ବର୍ଷରୁ କମ୍ ବୟସର ୧୬କୋଟି ଶିଶୁଙ୍କ ମଧ୍ୟରୁ ମାତ୍ର ୫୦ ପ୍ରତିଶତ ଆବଶ୍ୟକ ଖାଦ୍ୟ ପାଇପାରିଛନ୍ତି। ଦେଶରେ ୪୨.୫ ପ୍ରତିଶତ ଶିଶୁଙ୍କର ଓଜନ ଆବଶ୍ୟକତା ଠାରୁ କମ୍, ୨୦ ପ୍ରତିଶତ ଶିଶୁଙ୍କର ରକ୍ତହୀନତା ସମସ୍ୟା ରହିଛି ଏବଂ ୨୨ ପ୍ରତିଶତ ଶିଶୁଙ୍କର ଜନ୍ମ ସମୟରେ ଓଜନ କମ୍ ରହୁଛି। ଶିଶୁମାନଙ୍କୁ କୁପୋଷଣରୁ ରକ୍ଷାକରିବା ରାଜ୍ୟର ଦାୟିତ୍ୱ ବୋଲି ସମ୍ବିଧାନରେ ସ୍ପଷ୍ଟ ଉଲ୍ଲେଖ ଥିବାବେଳେ ଏଥିପ୍ରତି ସରକାରଙ୍କ ଧ୍ୟାନ ସର୍ବପ୍ରଥମେ ସମ୍ବିଧାନ ପ୍ରଣୟନର ୧୪ବର୍ଷ ପରେ ଆସିଲା। ରାଜ୍ୟମାନଙ୍କର ଖାଦ୍ୟ ଓ ପୁଷ୍ଟି ବୋର୍ଡ଼ ଗଠନ ହେଲା। ପ୍ରଥମେ ଏହା ଖାଦ୍ୟ ମନ୍ତ୍ରାଳୟ ଅଧିନରେ ଥିଲା। ପରେ ୧୯୯୩ ମସିହାରେ ଏହା ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଅଙ୍ଗ ହେଲା। ତେବେ ଏହା ପ୍ରଥମେ କେବଳ କାଗଜ କଲମରେ ସୀମିତ ଥିଲା ବୋଲି କହିଲେ ଚଳେ। ଏଥିପାଇଁ ପ୍ରଥମ ଓ ପ୍ରକୃତ ପଦକ୍ଷେପ ନିଆଗଲା ୧୯୯୭ରେ। ଏକକ ଶିଶୁ ବିକାଶ ଯୋଜନା ଦେଶର ୩୩ଟି ବ୍ଲକରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ବର୍ତ୍ତମାନ ସାତ ହଜାରରୁ ଅଧିକ ଯୋଜନା ମିଳିତ ହୋଇଛି। ୧୩ ଲକ୍ଷରୁ ଅଧିକ ଅଙ୍ଗନବାଡ଼ି ସାମିଲ ହୋଇଛନ୍ତି ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣ ସମ୍ପର୍କିତ ଯୋଜନାରେ। ବର୍ତ୍ତମାନ ଶିଶୁମାନଙ୍କ ପାଇଁ ଏହା ବିଶ୍ୱର ସବୁଠାରୁ ବଡ଼ ପରିଯୋଜନା। ତଥାପି ଏହା ସମ୍ପୂର୍ଣ୍ଣ ବୋଲି ମଧ୍ୟ କହିହେବ ନାହିଁ। ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଆଇସିଡ଼ିଏସ୍‌ର ପରିସୀମା ଏବେ ଖୁବ୍ ବ୍ୟାପକ। ମାତ୍ର ଲକ୍ଷ୍ୟ ହାସଲ ପାଇଁ ଅନ୍ୟ ମନ୍ତ୍ରଣାଳୟ ଓ ଗ୍ରାମ୍ୟ ପରିବାର କଲ୍ୟାଣ ମନ୍ତ୍ରାଳୟ ଓ ଗ୍ରାମ୍ୟ ବିକାଶ ମନ୍ତ୍ରଣାଳୟର ସହଯୋଗ ଆବଶ୍ୟକ। ଶିଶୁମାନଙ୍କ ପାଖରେ ପୁଷ୍ଟିକର ଖାଦ୍ୟ ପହଞ୍ଚିବାର ଅନୁପାତ ଏବେ ମଧ୍ୟ ଉତ୍ସାହଜନକ ନୁହେଁ। କାରଣ ଏବେ ମଧ୍ୟ ଦୋର ୧୬କୋଟି (୬ବର୍ଷରୁ କମ୍) ଶିଶୁଙ୍କ ମଧ୍ୟରୁ ମାତ୍ର ୫୦ ପ୍ରତିଶତ ପୁଷ୍ଟିକର ଖାଦ୍ୟ ପାଇବା ନିମନ୍ତେ ସମର୍ଥ ହୋଇଛନ୍ତି। ଚଳିତ ବର୍ଷ ଆଇସିଡ଼ିଏସ୍‌ର ବଜେଟ ୬୭୦୫ କୋଟି ଟଙ୍କାରେ ପହଞ୍ଚିଛି। ଏହି ଅର୍ଥରେ ୬ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳା ଏବଂ କିଶୋରୀମାନଙ୍କ ନିମନ୍ତେ ପୁଷ୍ଟିକର ଖାଦ୍ୟର ବ୍ୟବସ୍ଥା କରାଯିବ। ସମ୍ବିଧାନ ଅନୁଯାୟୀ 'ରାଜ୍ୟମାନେ ନିଜ ନାଗରିକମାନଙ୍କ ଖାଦ୍ୟର ମାନ ଓ ଜୀବନ ଧାରଣର ମାନକୁ ଉଚ୍ଚ କରିବା ଓ ଜନସାଧାରଣଙ୍କ ସ୍ୱାସ୍ଥ୍ୟର ଉନ୍ନତିକୁ ନିଜର ପ୍ରାଥମିକ କର୍ତ୍ତବ୍ୟ ମାନିବେ। ଦେଖାଯାଉ ଶିଶୁମାନଙ୍କ ପ୍ରତି ଏହାର ପ୍ରତିଶ୍ରୁତି କେବେ ପୂରା ହେଉଛି। ପୂଜ୍ୟଶ୍ରୀ କୁମାର ଭାଇ ତାଙ୍କ ତମାମ୍ ଜୀବନର ସାଧନାମୟ ତ୍ୟାଗପୂର୍ଣ୍ଣ ସିଦ୍ଧି ସମୟରେ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ନିଜର ଦୃଷ୍ଟିଭଙ୍ଗୀ ରଖିଥିଲେ। କେବଳ ଭାଷଣ ବା କାଗଜ କଲମ ମାଧ୍ୟମରେ ନୁହଁ ବାସ୍ତବତାର ସହ ଶିଶୁମାନଙ୍କର ଉନ୍ନତିକଳ୍ପେ ଆନ୍ତର୍ଜାତିକ ଅଶୋଭନୀୟତା ନୀରବ ଆନ୍ଦୋଳନକୁ ଜାଗ୍ରତ କରିଥିଲେ। ଶିଶୁମାନଙ୍କୁ ଆଧାତ୍ମିକ ଶିକ୍ଷା ପ୍ରଦାନ ପାଇଁ ବକୁଳ ବନବିଦ୍ୟାଳୟ ପରି ବ୍ୟବସ୍ଥିତ ଭାବରେ କେବଳ ରାଜ୍ୟଭିତରେ ନୁହେଁ ବିଭିନ୍ନ ରାଜ୍ୟରେ ପ୍ରତିଷ୍ଠିତ ଶୋଭନୀୟ ଶିକ୍ଷାଶ୍ରମରେ ସ୍ୱତନ୍ତ୍ର ଭାବରେ ଦେବଶିଶୁ କେନ୍ଦ୍ର ଖୋଲା ଯାଇଛି। ସମାଜରେ ପରିଚୟ ପାଇଁ ସଂଘର୍ଷ କରୁଥିବା ଦାନାକନା ପାଇଁ ହା ହୁତାଶ ଚିନ୍ତା ଭିତରେ ନିଜର ଠିକଣା ଖୋଜିବାକୁ ସଂଗ୍ରାମରତ ତଥାକଥିତ ଅନାଥ ଶିଶୁମାନଙ୍କୁ ପ୍ରେମପୂର୍ଣ୍ଣ ହୃଦୟରେ କୋଳାଇ ସେମାନଙ୍କୁ ବିନା ମୂଲ୍ୟରେ ପାଠପଢ଼ା ଠାରୁ ନିଜ ଗୋଡ଼ରେ ସେମାନଙ୍କୁ ଛିଡ଼ା କରିବା ପାଇଁ ତାଙ୍କ ହାତଗଢ଼ା ଦେବଶିଶୁ କେନ୍ଦ୍ରରେ ଆଜି ବାସ୍ତବରେ ପ୍ରସ୍ଫୁଟିତ ହେଉଛନ୍ତି ଅମୃତମୟ କୁନି କୁନି ପିଲାମାନେ। ସେମାନଙ୍କ ମଧ୍ୟରୁ ଅନେକ ଆଜି ନିଜ ଗୋଡ଼ରେ ଛିଡ଼ା ହୋଇ ସମାଜରେ ପ୍ରତିଷ୍ଠା ଲାଭ କଲେଣି। ତେବେ ସମାଜରେ ଏହି ଦେବଶିଶୁମାନଙ୍କ ପାଇଁ ନିଜର ଦୃଷ୍ଟିଭଙ୍ଗୀକୁ ସମସ୍ତେ ସ୍ୱତନ୍ତ୍ର ଭାବରେ ନିଜର ଉତ୍ତରଦାୟିତ୍ୱକୁ ନିର୍ବାହ କରିବା ହିଁ ଯଥାର୍ଥ ମାନବିକତା। ସମ୍ବିଧାନ ପ୍ରଣେତାମାନେ ଏହି ଦେବଶିଶୁମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଯେଉଁ ଯୋଜନା ପ୍ରଣୟନ କରିଥିଲେ ତାହାକୁ ଯଥାଯଥ୍ ଭାବରେ କାର୍ଯ୍ୟକାରୀ କରି ସେମାନଙ୍କ ମୁହଁରେ ଟିକିଏ ହସ ଫୁଟାଇପାରିବା ପାଇଁ ସହଯୋଗର ହାତ ବଢ଼ାଇବା ଦାୟିତ୍ୱ ବି ସମସ୍ତଙ୍କର।

# ଗୋଚର ଜମି ଜବରଦଖଲ : ଅଭିଯୋଗ ପରେ ମଧ୍ୟ ପ୍ରଶାସନ ନୀରବ

ଦର୍ପଣ (ପି.ଏନ)-ଯାଜପୁର ଜିଲ୍ଲା ଦର୍ପଣ ତହସିଲ ଅନ୍ତର୍ଗତ କୁନ୍ଦଳ ପଂଚାୟତର ଗରଗାଲି ମୌଜାର ୯ ଏକରରୁ ଉର୍ଦ୍ଧ୍ୱ ଗୋଚର ଜମି ଗରଗାଲି ଓ ସଇକା ଗ୍ରାମର କେତେକ ପ୍ରଭାବଶାଳି ବ୍ୟକ୍ତି ଗରଗାଲି ମୌଜାର ଗୋଚର ଜମିକୁ ଜବରଦଖଲ କରି ନିଜର ବାସଗୃହ, ଗାଡି ଗ୍ୟାରେଜ, ପୋଖରୀ, ବେସରକାରୀ ଶିଶୁ ମନ୍ଦିର ସ୍କୁଲର ଚାରିପାଖେ ବାଡଭାବେ ରଖି ଗୋଚର ଜମିରେ ପରିବାପତ୍ର ଫସଲ କରୁଥିବା ବେଳେ ଆଉ କିଛି ଲୋକ ବାଡ଼ବୁଜି ଗୋଚର ଜମିକୁ ଜବର ଦଖଲ କରି ବୃକ୍ଷ ଲଗାଇଛନ୍ତି। ଆଉ କେତେକ ଜମି ଉପରେ ଚାଷୀମାନେ ଖଳାକରି ଫସଲ ଅମଳ କରୁଛନ୍ତି ଓ କେତେକ ଗୋଚର ଜମି ଉପରେ ସରକାରଙ୍କ ମେଗା ପାନୀୟ ଜଳ ପ୍ରକଳ୍ପ ଓ ବିଦ୍ୟୁତ ବିଭାଗର ଟ୍ରାନ୍ସଫର୍ମର ତଥା ଉଚ୍ଚକ୍ଷମତାସମ୍ପନ୍ନ ବିଦ୍ୟୁତ ମେସିନ ବସାଯାଇଛି। ଫଳରେ ଗୋରୁ ଗାଈ, ଛେଳିମେଣ୍ଢା ଓ ମଇଁଷୀ ଇତ୍ୟାଦି ଚରିବାକୁ ସୁବିଧା ପାଉନାହାନ୍ତି। ପ୍ରାୟ ଗ୍ରାମର ପ୍ରତ୍ୟେକ ଲୋକ କିଛି ନା କିଛି ଗୃହପାଳିତ ପଶୁ ପାଳିଥାନ୍ତି। ଏହି ପଶୁମାନେ ଗୋଚର ଜମିରେ ଖାଇବା ବିନା ଉହଳ ବିକଳ ହେଉଛନ୍ତି। ଏପରିକି ଚାଷୀମାନେ ନିଜ ଜମିକୁ ହଳ ଲଙ୍ଗଳ କିମ୍ବା ଟ୍ରାକ୍ଟର ନେବାପାଇଁ ରାସ୍ତା ନାହିଁ। ଜମିଚାଷ କିପରି ହେବ ତାହା ସନ୍ଦେହ ସୃଷ୍ଟିକରିଛି। ଏ ସଂପର୍କରେ ରାଜ୍ୟ ରାଜସ୍ୱ ମନ୍ତ୍ରୀ, ଯାଜପୁର ଜିଲ୍ଲାପାଳ ଓ ଦର୍ପଣ ତହସିଲଦାରରଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଓଡିଶା ସରକାର ମନ୍ତ୍ରୀ ତଥା ପଦାଧିକାରୀମାନେ ଜାଣି ନଜାଣିଲା ପରି ନୀରବଦ୍ରଷ୍ଟା ହୋଇ ବସିଛନ୍ତି। ଏହି ଗୋଚର ଜମି ପ୍ଲଟ ନଂ୧୨୪୭ରେ ପୋଖରୀ ଖୋଳା ହୋଇଯାଇଛି। ପ୍ଲଟ ନଂ ୧୨୬୯ ଓ ୧୯୭୩ରେ ବାସଗୃହ ନିର୍ମାଣ କରାଯାଇଛି। ପ୍ଲଟ ନଂ୧୭୮୭ରେ ମଲ୍ଲିହାଶୁଣୀ ସରସ୍ୱତୀ ଶିଶୁ ମନ୍ଦିର ଗୃହ ନିର୍ମାଣ କରାଯାଇଛି। କିଛି ପ୍ରଭାବଶାଳୀ ଗ୍ରାମ ଶ୍ମଶାନକୁ ଜବରଦଖଲ କରିବାକୁ ପଛାଇନାହାନ୍ତି। ଏହି ଗୋଚର ଜମି ଜବରଦଖଲକାରୀଙ୍କୁ ତୁରନ୍ତ ଉଚ୍ଛେଦ କରା ନଗଲେ ଗ୍ରାମବାସୀମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ଗ୍ରାମରେ ୨ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରିଥାନ୍ତି।

# ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୫ତମ ଜନ୍ମଜୟନ୍ତୀ ପାଳିତ

ଦର୍ପଣ (ପି.ଏନ)-ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ମହାନ ଦେଶଭକ୍ତ, ସେବା ଓ ତ୍ୟାଗର ପ୍ରତୀକ ପୂଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୫ତମ ଜନ୍ମଜୟନ୍ତୀ ଉତ୍ସବ ଚଣ୍ଡିଖୋଲ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ ଅଧ୍ୟାପକ ମହାସଂଘର ସଭାପତି ପ୍ରାଧ୍ୟାପକ ପବିତ୍ର କୁମାର ମାହାଲା, ପ୍ରାକ୍ତନ ଅଧକ୍ଷ ଡ. କେଦାରନାଥ ଦାଶ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାହ୍ନୁଚରଣ ସାହୁ, ଶିକ୍ଷକ କେଦାରନାଥ ସାହୁ, ଉଦୀୟମାନ ଅନୁଷ୍ଠାନର ସଂପାଦକ ଅନୀଲ କୁମାର ଦାସ ପ୍ରମୁଖ ଯୋଗ ଦେଇ ଚଣ୍ଡିଖୋଲ ହାଇସ୍କୁଲ ପରିସରରେ ଥିବା ପ୍ରତ୍ୟେକ ମହାମନୀଷିଙ୍କ ପ୍ରତିମୂର୍ତ୍ତିମାନଙ୍କରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପ୍ରାରମ୍ଭରେ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ଚଣ୍ଡିଖୋଲ ସେଠାରେ ଅତିଥିମାନେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ଓ ପୁରସ୍କାର ବଂଟନ କରିଥିଲେ। ଏହି ଅବସରରେ ମହାବିନାୟକ ପାଦଦେଶରେ ଥିବା ଖଣ୍ଡିଆବନ୍ଧ ଚାଲାବାଗୁଡି ପୀଠରେ ଫୁଲ ଫଳ ଓ ଚାରାଗଛମାନ ରୋପଣ କରାଯାଇଥିଲା। ଏହାକୁ ମନ୍ଦିର ପରିଚାଳନା କମିଟି ସଭ୍ୟ ଶିକ୍ଷକ ମୁଷଳ ହାଁସଦା, ଅନନ୍ତ ଚରଣ ଦାସ, ଅବସରପ୍ରାପ୍ତ ଶିକ୍ଷକ ଧନେଶ୍ୱର ସ୍ୱାଇଁ, ପୂଜକ ଶ୍ୟାମଚରଣ ସାମଲ, କ୍ଷେତ୍ରବାସୀ ସାମଲ ପ୍ରମୁଖ ଯୋଗଦେଇ ଗୋଟିଏ ଗୋଟିଏ ଚାରାଗଛ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ନାୟକ, ପ୍ରଦୀପ କୁମାର ଦାସ, ସ୍ନେହଲତା ବାରିକ, ସୁଧିର ପ୍ରକାଶ ସିଂ, ଶେଷଦେବ ପୃଷ୍ଟି, ଅନୀଲ କୁମାର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର ସଂପାଦକ ଅନୀଲ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବଜ୍ରପାତରେ ନାବାଳକ ସମେତ ୨ ମୃତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଗଡମଧୁପୁର ପଂଚାୟତ ଭୁବନପୁର ଗ୍ରାମରେ ଗତ ୪ ତାରିଖରେ ବଜ୍ରପାତ ଯୋଗୁଁ ଜଣେ ନାବାଳକ ସମେତ ୨ ଜଣଙ୍କର ମୃତ୍ୟୁ ଘଟିଛି । ମୃତକ ଦ୍ୱୟ ଭୁବନପୁର ଗ୍ରାମର ସୁଲେଖ ମଲିକଙ୍କ ପୁଅ ବାଂଛାନିଧି ମଲିକ (୨୦) ଓ ବବନ ମଲିକଙ୍କ ପୁଅ ଚନ୍ଦନ ମଲିକ (୧୬) ବୋଲି ଜଣାପଡିଛି । ବାଂଛାନିଧି ନିକଟସ୍ଥ ବିଲକୁ ଗାଈ ଆଣିବାକୁ ଯାଇଥିବା ବେଳେ ଚନ୍ଦନ ଘାସ କାଟିବାକୁ ବିଲକୁ ଯାଇଥିଲେ । ଏହି ସମୟରେ ବର୍ଷା ହେବାରୁ ଉଭୟେ ଏକ ଗଛମୂଳରେ ଆଶ୍ରୟ ନେଇଥିଲେ। ଏହି ସମୟରେ ଏକ ବଜ୍ରପାତ ହେବାରୁ ଉଭୟ ତଳେ ଟଳିପଡିଥିଲେ । ଘଟଣାର କିଛି ସମୟ ପରେ ଲୋକେ ସେହି ରାସ୍ତାଦେଇ ଯିବା ବେଳେ ୨ଜଣ ତଳେ ପଡିଥିବା ଦେଖି ସେମାନଙ୍କ ଘରକୁ ଖବର ଦେଇଥିଲେ । ଖବର ପାଇ ପରିବାର ଓ ଗ୍ରାମବାସୀମାନେ ଉଭୟଙ୍କୁ ସେଠାରୁ ଉଦ୍ଧାର କରି ବଡଚଣା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଜେନାପୁର ପୁଲିସ ୧୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବଡଚଣାରେ ଶବ ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ କରିଥିଲେ । ତେବେ ଭୁବନପୁର ଦଳିତସାହିରେ ୨ଜଣଙ୍କ ଅକାଳ ବିୟୋଗ ଯୋଗୁଁ ଗାଁରେ ଶୋକର ଛାୟା ଖେଳିଯାଇଛି ।

## ଲୁଗାଦୋକାନରେ କଳାକନା ବୁଲାଇଲେ ଚୋର

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଶାନ୍ତିବଜାରରେ ଥିବା ଅଭିରାମ ଶାଢ଼ୀ ଓ ଡ୍ରେସେସ୍ ଦୋକାନରେ ଚୋରମାନେ କଳାକନା ବୁଲାଇ ଦେଇଛନ୍ତି । ଦୋକାନ ପଛପାର୍ଶ୍ୱରେ ଥିବା ସଟରକୁ ଗ୍ୟାସ୍ କଟରରେ କାଟି ଚୋର ଦୋକାନରେ ପଶିଛନ୍ତି । ପ୍ରାୟ ୧୦ଲକ୍ଷ ଟଙ୍କା ମୂଲ୍ୟର ଶାଢ଼ୀ ଓ ଅନ୍ୟାନ୍ୟ ପୋଷାକ ଲୁଟି ନେଇଛନ୍ତି । ଏ ସଂପର୍କରେ ଦୋକାନ ମାଲିକ ଉତରପ୍ରତାପ ପଞ୍ଚାୟତ ଚାନ୍ଦମୋହିନୀ ଗ୍ରାମର ସୁବ୍ରତ କୁମାର ନାୟକ ଥାନାରେ ଏତଲା ଦେଇଛନ୍ତି । ଖବର ପାଇ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ହେଁ, ଚୋରି ପୋଷାକ କିମ୍ବା ଚୋରଙ୍କ ସଂପର୍କରେ କୌଣସି ସୁରାକ୍ ମିଳିନାହିଁ । ପ୍ରକାଶ ଯେ, ରାତିରେ ସୁବ୍ରତ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ସକାଳେ ଆସି ଦୋକାନ ଖୋଲି ଦେଖନ୍ତି ତ' ଦୋକାନ ପଛପାର୍ଶ୍ୱରେ ଥିବା ସଟର କଟାଯାଇଛି । ଥାକରେ ପୋଷାକ ନାହିଁ । ଖୋଳ ସବୁ ଫିଙ୍ଗା ଫୋପଡ଼ା ହୋଇଛି । ୧୦ଲକ୍ଷ ଟଙ୍କାର ବିଭିନ୍ନ ପୋଷାକ ଚୋରି ହୋଇଯାଇଛି । ଚୋରମାନେ ପ୍ରାୟ ୨ଘଣ୍ଟା ଧରି ଲୁଟ୍‌ପାଟ୍ କରିଥିଲେ ହେଁ, ବଜାର ଜଗୁଆଳି କିମ୍ବା ପୁଲିସ୍ ଏହାର ଟେର୍ ପାଇ ନ ଥିଲେ । ବାରମ୍ବାର ଧର୍ମଶାଳା ଅଞ୍ଚଳରୁ ଚୋରି ଓ ଲୁଟ୍ ହେଉଥିଲେ ମଧ୍ୟ ଅଧିକାଂଶ ଚୋରଙ୍କୁ ଗିରଫ କରାଯାଇ ପାରୁନାହିଁ କିମ୍ବା ଚୋରି ସାମଗ୍ରୀ ଉଦ୍ଧାର ହୋଇପାରୁନାହିଁ ।

# —ମାତୃତ୍ୱ—



ତନ୍ମୟଙ୍କ ଝିଅ ଲାଲିର ବୟସ ମାତ୍ର ଛ ମାସ ହୋଇଥାଏ। ମାଆ ତାର ଡେଙ୍ଗୁ ଜ୍ୱରରେ ପୀଡ଼ିତା ହୋଇ ମୃତ୍ୟୁବରଣ କଲେ। ତନ୍ମୟଙ୍କ ଘରେ ଭାଲେଣୀ ପଡ଼ିଗଲା, ଲାଲିର ଲାଳନ ପାଳନକୁ ନେଇ। ପିତା, ମାତା ଜିଦ୍ ଧରି ବସିଲେ ତନ୍ମୟଙ୍କ ଦ୍ୱିତୀୟ ବିବାହ କରେଇବା ପାଇଁ। ସାଇ ପଡ଼ିଶାର ଲୋକେ, ବନ୍ଧୁବାନ୍ଧବ ସମସ୍ତେ ତାଙ୍କ ପିତାମାତାଙ୍କ କଥାରେ ରାଜି ହୋଇଥିଲେ, ମାତ୍ର ତନ୍ମୟ ଦ୍ୱିତୀୟ ଥର ବିବାହ କରିବାର ଘୋର ବିରୋଧୀ ଥିଲେ। କାରଣ ସେ ନିଃସନ୍ଦେହ ଥିଲେ ଯେ ଯିଏ ତାଙ୍କର ଦ୍ୱିତୀୟ ପତ୍ନୀ ହୋଇ ଆସିବ ଏ ଘରକୁ, ସେ ତାଙ୍କ ଲାଲିର ସାବତ ମାଆ ସାଜି ଲାଲି ପ୍ରତି ଅତ୍ୟାଚାର ଆରମ୍ଭ କରିଦେବ, ଯାହାକି ତାଙ୍କ ପକ୍ଷେ ନିତାନ୍ତ ଅସହ୍ୟ ହୋଇପଡ଼ିବ। ସେତେବେଳେ ସେ ନା ବଞ୍ଚିପାରିବେ ନା ମରିପାରିବେ। ଏକ ଅସନ୍ତୁଳିତ ଜୀବନ ପ୍ରବାହ ଭିତରେ ଆକ୍ତାମାକ୍ତା ହୋଇଯିବେ ପ୍ରତି ମୁହୂର୍ତ୍ତରେ। ମାତ୍ର ବାପା ମାଆଙ୍କ ଜିଦ୍ ଆଗରେ ହାର୍ ମାନିଗଲା ତାଙ୍କର ଏକତରଫା ନିଷ୍ପତ୍ତି। ଶେଷକୁ ସିଏ ରାଜି ହେଇଗଲେ ଆଉ ଥରେ ବିବାହ କରି ଲାଲି ପାଇଁ ଗୋଟିଏ ନୂଆ ମାଆଟିଏ ଆଣିବା ପାଇଁ। ସତକୁ ସତ ପ୍ରାୟ ମାସକ ଭିତରେ ପ୍ରଣୀତା ସହ ବିବାହ ସମ୍ପନ୍ନ ହେଲା ତନ୍ମୟଙ୍କର। ପ୍ରଣୀତା ଯେଉଁ ଦିନଠୁ ତାଙ୍କ ଘରେ ପାଦ ଦେଲା, ଘର ସତେକି ସ୍ୱର୍ଗ ପାଲଟିଗଲା। ନିଷ୍ଠା, ଏକାଗ୍ରତା ଓ ଆନ୍ତରିକତା ସହ କର୍ମରେ ମନୋନିବେଶ ପ୍ରକୃତ ପୂଜା ଅଟେ। ସମସ୍ତଙ୍କର ସବୁ ଆଶଙ୍କା, ସନ୍ଦେହକୁ ଭୁଲ ପ୍ରମାଣିତ କରି ସେ କେବଳ ତନ୍ମୟଙ୍କର ଭଲ ପତ୍ନୀ, ଶାଶୁ ଶ୍ୱଶୁରଙ୍କର ଭଲ ବୋହୂଟିଏ ନୁହେଁ ସର୍ବୋପରି ଲାଲି ପାଇଁ ସବୁଠୁ ଭଲ, ସବୁଠୁ ସ୍ନେହୀ ମମତାମୟୀ ମାଆଟିଏ ହୋଇପାରିଲା। ବାସ୍ତବିକ୍, ବିଜୟ ହାସଲ ପାଇଁ ଯେଉଁମାନଙ୍କର ଆତ୍ମବିଶ୍ୱାସ ଅଛି, ସେହିମାନେ ହିଁ ବିଜୟୀ ହୋଇପାରନ୍ତି।

ଲାଲି ଶୁକ୍ଳପକ୍ଷ ଚନ୍ଦ୍ରମା ଭଳି ବଢ଼ିବାକୁ ଲାଗିଲା। ନୂଆ ମାଆର ନିଃସ୍ୱାର୍ଥପର ଭଲପାଇବା ଓ ଅମାପ ସ୍ନେହରେ ସେ ବେଳକୁ ବେଳ ଏପରି ବାନ୍ଧି ହୋଇଗଲା ଯେ ନା ସେ ଘରଲୋକେ, ନା ସାଇପଡ଼ିଶା, ନା କେହି ବନ୍ଧୁ ସମ୍ପର୍କୀୟ ଜାଣିବାର ଅବକାଶ ପାଇଲେ କି ଲାଲିର ସେ ସାବତ ମାଆ ବୋଲି। ଭଗବାନ, ତାଙ୍କର ପ୍ରତ୍ୟେକଟି ସୃଷ୍ଟିକୁ କିଛି ବିଶେଷ ଗୁଣ ପ୍ରଦାନ କରିଛନ୍ତି। ଦୁବର ବୈଶିଷ୍ଟ୍ୟ ଦାରୁ ପାଖରେ ନାହିଁ, ଯିଏ ଯାହା ଜାଗାରେ ଅନନ୍ୟ।

ତନ୍ମୟ ନିତି ଅଫିସ୍‌ରୁ ଫେରି ପ୍ରଣୀତାକୁ ଦେଖି ଆଶ୍ଚର୍ଯ୍ୟ ହୁଅନ୍ତି, କିପରି ସେ ମେସିନ୍ ପରି ଖଟୁଥାଏ ଅହର୍ନିଶି। କିନ୍ତୁ କେବେ ବି ଥକି ପଡ଼େନି। ଟିକିଏ ସମୟ ପାଇଲେ ଲାଲିର ସେବା, ଯତ୍ନରେ ଆହୁରି ଆହୁରି ମନଧ୍ୟାନ ଦେଇ ଲାଗିପଡ଼େ। ପାଣି ବିନା ମାଛ ପରି ଲାଲି ମାଆକୁ ନ ଦେଖି ମୁହୂର୍ତ୍ତଟିଏ ବି ରହିପାରେନି !!

ତନ୍ମୟ ଦିନେ ତନ୍ମୟ ହୋଇ ଦେଖୁଥିଲା ମାଆ-ଝିଅଙ୍କ ଏହି ପବିତ୍ର ବନ୍ଧନକୁ, ସ୍ୱର୍ଗୀୟ ଭଲ ପାଇବାକୁ। ଆଉ ଉତ୍କଣ୍ଠାକୁ ଅଧିକ ସମୟ ନିଜ ଭିତରେ ଚାପି ରଖିବାକୁ ଅସମର୍ଥ ହୋଇ ସେଦିନ ଭୁସ୍‌କିନା ପଚାରିଦେଲେ ପ୍ରଶ୍ନଟିଏ ପ୍ରଣୀତାକୁ, "ପ୍ରଣୀତା, ତୁମେ 'ସାବତ ମା' ହୋଇ ବି ଲାଲି ପ୍ରତି ଏତେ ସ୍ନେହ, ମମତା ଅକୁଣ୍ଠ ଚିତ୍ତରେ କିପରି ଅଜାଡ଼ି ଦେଇ ପାରୁଛ ? ତୁମେ ତ ସମସ୍ତଙ୍କଠାରୁ ଭିନ୍ନ, ଏକ ବ୍ୟତିକ୍ରମ। ଏ ଘରକୁ ତୁମ ଆଗମନ ପରେ ପରେ ମୁଁ ଅନୁଭବ କରୁଛି କି ସାବତ ମା' ଶବ୍ଦଟି ହିଁ ଅଭିଧାନରୁ ଉଠେଇ ଦିଆଯିବା ଉଚିତ।"

ପ୍ରଣୀତା ଧୀର, ନମ୍ର ତଥା ସ୍ୱାଭାବିକ ଢଙ୍ଗରେ ଉତ୍ତର ଦେଲା, ମଣିଷ ସ୍ୱଳ୍ପ ସମୟରେ ଖରାପ ହୋଇଯାଇପାରେ। ମାତ୍ର ଭଲ ହେବାପାଇଁ ବର୍ଷ ବର୍ଷର ଅଭ୍ୟାସ ଦରକାର। ମୁଁ ଗୋଟିଏ ଆଦର୍ଶ ମାଆ ହେବାର ସମସ୍ତ ଶିକ୍ଷା ମୋର ମାଆଙ୍କ ଠାରୁ ପାଇଛି। ସମସ୍ତେ ଜାଣନ୍ତି ମାଆ ହିଁ ସନ୍ତାନର ପ୍ରଥମ ଶିକ୍ଷୟିତ୍ରୀ। ମାତ୍ର ମୋ ମାଆ ତ ମୋ ପାଇଁ ମାଆ ହୋଇ ନଥିଲା, ବରଂ ପାଲଟି ଯାଇଥିଲା ଏକ ରାକ୍ଷସୀ। ମୋତେ ଦୁଇ ବର୍ଷ ହୋଇଥିଲା, ଯେତେବେଳେ ମୁଁ ମୋ ମାଆକୁ ହରାଇଥିଲି। ସେତିକିବେଳେ ମୋ ବାବା ମୋତେ ମୋ ସାବତ ମାଆକୁ ଭେଟି ସ୍ୱରୂପ ଦେଲେ ଯାହାର ତାଡ଼ନାର, ଅତ୍ୟାଚାରରେ ମୁଁ ଦିନ ଦିନ, ମାସ ମାସ, ବର୍ଷ ବର୍ଷ ଛଟପଟ ହେଇ ଜୀଇଁଥିବା ଅବସ୍ଥାରେ ମରୁଥିଲି। ତେଣୁ ମୁଁ ମୋର ତିକ୍ତ ଅନୁଭୂତିରୁ ସାଉଁଟି ଆଣିଛି ସ୍ନେହ ମମତାରେ ସଦା ଛଳଛଳ କଳକଳ ଗୋଟିଏ ପବିତ୍ର ନିର୍ମଳ, ନିଃସ୍ୱାର୍ଥପର ମାଆଟିର ହୃଦୟକୁ, ଆଉ ତାକୁ ସ୍ଥାପନ କରିଛି ମୋରି ଭିତରେ। ମୁଁ ଶିକ୍ଷା ପାଇଛି, ଯାହା ମୋ ମାଆ ମୋ ପାଇଁ ହୋଇଥିଲେ, ମୁଁ ଠିକ୍ ତାର ବିପରୀତ ହେବି ଆଉ ଦୁନିଆକୁ ଦେଖାଇଦେବି ସବୁ ସାବତ ମାଆମାନେ ଖରାପ ନୁହଁନ୍ତି, ତାଙ୍କ ଭିତରୁ ଅଧିକାଂଶ ଯଶୋଦା ମଧ୍ୟ ହୋଇଥାଆନ୍ତି। ମଣିଷ ଉଭୟ ସକାରାତ୍ମକ ଓ ନକାରାତ୍ମକ ପରିସ୍ଥିତିରୁ ଶିକ୍ଷା କରିଥାଏ। ମୁଁ ମଧ୍ୟ ସବୁକିଛି ଏଇ ପରିସ୍ଥିତି ଆଉ ପରିବେଶରୁ ଶିକ୍ଷା କରିଛି। ତନ୍ମୟ ବହୁତ ପ୍ରୀତ ହୋଇ ପୁଣି ଥରେ ଦ୍ୱିତୀୟ ପ୍ରଶ୍ନଟି ପଚାରିଲେ ପ୍ରଣୀତାକୁ। "ପ୍ରଣୀତା, ଏ ଘରକୁ ଆସିବା ପରେ ପରେ ହିଁ ଲାଲି ପାଇଁ ତମେ ଏତେ ବଡ଼ ତ୍ୟାଗ କିପରି କରିପାରିଲ ? ତୁମେ ସଙ୍କଳ୍ପଟିଏ କରିନେଲ ଯେ "ଲାଲି ହିଁ ହେବ ଆମ୍ଭମାନଙ୍କର ଏକମାତ୍ର ସନ୍ତାନ। ଅର୍ଥାତ୍ ତୁମେ ନିଜର ଆଉ ଏକ ସନ୍ତାନ କାମନା ନ କରିବା କ'ଣ ତୁମର ଆଉ ଏକ ମହାନତା ନୁହେଁ କି ?" ପ୍ରଣୀତା ସ୍ମିତ ହସି ଉତ୍ତର ଦେଇଥିଲା, "ଚାହିଁବା ମୁତାବକ ଜୀବନ ମିଳେନା। ଯେମିତି ଜୀବନ ମିଳେ ତାକୁ ଖୁସିରେ ଜୀଇଁବା ହିଁ ମୂଳକଥା। ମୋ ଠାରୁ ବଡ଼ ସୌଭାଗ୍ୟବତୀ ଆଉ କିଏ ହୋଇପାରେ ? ମୁଁ ଏକା ସାଙ୍ଗରେ ତୁମ ଭଳି ସ୍ୱାମୀ ଓ କନ୍ୟାରତ୍ନଟିଏ ଲାଭକଲି। ଏଥିପାଇଁ ମୋତେ ଦଶମାସ ଦଶଦିନ ଗର୍ଭଧାରଣ କରିବାକୁ ପଡ଼ିନାହିଁ କି ପ୍ରସବ ବେଦନା ସହ୍ୟ କରିବାକୁ ପଡ଼ିନାହିଁ। ଦେଶର ପ୍ରଗତି ଆଉ ଉନ୍ନତି ପ୍ରକ୍ରିୟାରେ ସାମିଲ ହୋଇ ଆମେ ବି ସେଇ ଗୋଟିଏ ସନ୍ତାନକୁ ଈଶ୍ୱରଙ୍କ ବରଦାନ ବୋଲି ଭାବିନେଲେ। ଏଠାରେ ତ୍ୟାଗର ପ୍ରଶ୍ନ ଉଠୁଛି କେଉଁଠି ? ବରଂ ଈଶ୍ୱର, ଦୁର୍ଲଭ ମାତୃତ୍ୱଟିକୁ ମୋତେ ଏତେ ସହଜରେ ପ୍ରଦାନ କରିଥିବାରୁ ମୁଁ ତାଙ୍କ ନିକଟରେ ଚିର ଋଣୀ।" ତନ୍ମୟ ଅବାକ୍ ହୋଇ ଅନେଇଥିଲେ ପ୍ରଣୀତାର ମୁହଁକୁ, ତାଙ୍କର ଅଲିଅଳି ଝିଅ ଲାଲିକୁ। ପ୍ରଣୀତା ଲାଲିର ମୁଣ୍ଡକୁ ଆଉଁସି ଦେଇ ଶୁଆଇ ଦେବାକୁ ଉଦ୍ୟମ କରୁଥିଲା।

**ଡ. ପ୍ରତିଭା ମହାରଥୀ,** ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯

# ସେବା ଦିବସ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ 'ସେବା ଦିବସ' ଅବସରରେ, ଉତ୍କଳ ବିପନ୍ନ ସହାୟତା ସମିତ ଆନୁକୂଲ୍ୟରେ ସମିତିର ମଞ୍ଚେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟ "ସେବା" ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କ୍ୟାପିଟାଲ ହସ୍ପିଟାଲ୍‌ର ବ୍ଲଡବ୍ୟାଙ୍କ ଅଫିସର ଡା. ଦେବାଶିଷ ମିଶ୍ର ସମ୍ମାନିତ ଅତିଥି ଭାବରେ ଏବଂ ଆଇ.ଏମ୍.ଏସ୍, ସମ୍ ହସ୍ପିଟାଲ ୟୁରଲୋଜିର ବିଭାଗୀୟ ମୁଖ୍ୟ ଡା. ସୁରେନ କୁମାର ଦାସ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡା. ଦେବାଶିଷ ମିଶ୍ର ରକ୍ତଦାନ କଲେ କେହି କେବେ ଦୁର୍ବଳ ହୋଇଯାଏ ନାହିଁ । ରକ୍ତ କେବଳ ମଣିଷ ଦାନ କରେ ଏବଂ ମଣିଷଙ୍କ ଦେହରେ ହିଁ ଲାଗେ। ଡା. ସୁରେନ କୁମାର ଦାସ କହିଥିଲେ ଯେ ବିଜ୍ଞାନାଗାରରେ ରକ୍ତ ତିଆରି କରି ହୁଏନା ଓ ଏହାର କୌଣସି ବିକଳ୍ପ ନାହିଁ। ମଣିଷଙ୍କ ଦେହରେ ଥିବା ଅସ୍ଥିମଜ୍ଜାରୁ ହିଁ ରକ୍ତ ତିଆରି ହୁଏ ଏବଂ ମଣିଷ ଦେହରେ ହିଁ ଲାଗେ। ଜଣେ ୧୮ ବର୍ଷରୁ ୬୫ ବର୍ଷ ବୟସ୍କ ସୁସ୍ଥ ପୁରୁଷ ବା ସ୍ତ୍ରୀ ତିନିମାସ ଅନ୍ତରରେ ରକ୍ତ ଦାନ ଦାନ କରି ପାରିବେ। ଏହାଦ୍ୱାରା ଗୋଟିଏ ରକ୍ତ ବୋତଲରୁ ୩ ଜଣ ରୋଗୀ ଉପକୃତ ହେବା ସହ ରକ୍ତଦାତା ନିଜର ହୃଦଘାତ ପରି ମାରାତ୍ମକ ରୋଗରୁ ମୁକ୍ତି ପାଇପାରିବ। ଏହି ଶିବିରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ସଂଘଚାଳକ ମା. ସମୀର କୁମାର ମହାନ୍ତି ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ ଓ ସମିତିର ସଭାପତି ଇଂ. ଅକ୍ଷୟ କୁମାର ବିଙ୍ଗ ସଭାପତିତ୍ୱ କରିଥିଲେ।

# ଦୁଇଟି ମନ୍ଦିରରୁ ଚୋରି

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଜାରକା ବିଟ ହାଉସ ଅଧିନ ଜାରକା ଶିଳ୍ପାଂଚଳରେ ଥିବା ତାରିଣୀ ମନ୍ଦିରରୁ କେହି ଦୁର୍ବୃତ୍ତ ଠାକୁରଙ୍କ ବିଭିନ୍ନ ପିତଳ ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପାଇ ଜାରକା ବିଟ ହାଉସ ଅଧିକାରୀ ପ୍ରଶାନ୍ତ କୁମାର ତ୍ରିପାଠୀ ଷ୍ଟାଫ ସହିତ ସେଠାରେ ପହଁଚି ନିକଟରେ ଥିବା ସିସିଟିଭି ଫୁଟେଜ ଯାଂଚ କରିବା ସହିତ ଘଟଣାର ତଦନ୍ତ କରିଛନ୍ତି । ସୂଚନା ମୁତାବକ ଜାରକା ଶିଳ୍ପାଂଚଳରେ ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ଏକ ତାରିଣୀ ମନ୍ଦିର ପ୍ରତିଷ୍ଠା କରାଯାଇ ସେଠାରେ ପ୍ରତ୍ୟେହ ପୂଜାର୍ଚ୍ଚନା କରାଯାଉଛି । ତେବେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମନ୍ଦିର ଗେଟ ତାଲା ଭାଙ୍ଗି ପିତଳର ଏକ ଘଂଟ, ଦାନବାକ୍ସ, ବାଲଟି ଓ ନିତି ତିଆରି ହେଉଥିବା ପିତଳ ହଣ୍ଡା ଚୋରୀ କରି ନେଇଛନ୍ତି । ପରଦିନ ସକାଳେ ମନ୍ଦିରର ପୂଜକ ପୂର୍ଣ୍ଣଚନ୍ଦ୍ର ଦେଉରୀ ଏହା ଦେଖିବା ପରେ ସ୍ଥାନୀୟ ଲୋକଙ୍କ ପରାମର୍ଶକ୍ରମେ ଜାରକା ବିଟ ହାଉସରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ । ସେହିପରି ଏହି ଥାନା ଭାବାନୀପୁରସ୍ଥିତ ଶିବ ମନ୍ଦିରରୁ ଦୁର୍ବୃତ୍ତ ମାନେ ଏକ ବଡ ପିତଳ ଘଂଟକୁ ଚୋରି କରିନେଇଥିବା ଅଭିଯୋଗ ହୋଇଛି । ଧର୍ମଶାଳା ଅଂଚଳରେ ଘନଘନ ଚୋରୀ ବୃଦ୍ଧି ପାଉଥିବାରୁ ପୁଲିସ ରାତ୍ର ପେଟ୍ରୋଲିଂ କଡାକଡି କରିବାକୁ ଦାବି ହୋଇଛି ।

# ମୋ ସହର

## ରାଜ୍ୟ ଶାସନ ବ୍ୟବସ୍ଥାକୁ ହାଇଜାକ୍ କରିଛନ୍ତି ଜଣେ ସଚିବ : ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର,(ପି.ଏନ): ଜଣେ ସଚିବସ୍ତରର ଅଧିକାରୀ ରାଜ୍ୟର ଶାସନ ବ୍ୟବସ୍ଥାକୁ ହାଇଜାକ୍ କରି ନେଇଛନ୍ତି । ଓଡ଼ିଶାରେ ଏଭଳି ବିଚିତ୍ର ଶାସନ ବ୍ୟବସ୍ଥାକୁ ନେଇ ଅନ୍ୟ ରାଜ୍ୟରେ ବି ଲୋକେ କଥା ହେଲେଣି । ବିଜେଡିର ନେତା, ମନ୍ତ୍ରୀ, ବିଧାୟକ, ସାଂସଦ ସବୁ ଏବେ କାହା ଦାସତ୍ୱ ସ୍ୱୀକାର କରିଛନ୍ତି ଓ ସେମାନଙ୍କୁ ଏହି ଦାସତ୍ୱ ସ୍ୱୀକାର କରିବା ପାଇଁ କାହିଁକି ବାଧ କରାଯାଇଛି ବୋଲି ବିଜେପି ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଅପରାଜିତା ଷଡ଼ଙ୍ଗୀ ପ୍ରଶ୍ନ କରିଛନ୍ତି । ଶନିବାର ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଷଡ଼ଙ୍ଗୀ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ଫାଇଭ ଟି ସଚିବ ଭିକେ ପାଣ୍ଡିଆନଙ୍କ ନାଁ ନନେଇ ତାଙ୍କୁ ସିଧାସଳଖ ସମାଲୋଚନା କରିଛନ୍ତି । ରାଜ୍ୟରେ ଏବେ ଯେଉଁ ବିଚିତ୍ର ଶାସନ ବ୍ୟବସ୍ଥା ଚାଲିଛି ସେଥିପାଇଁ ବାହାର ରାଜ୍ୟର ଲୋକମାନେ ଆମ ଉପରେ ହସୁଛନ୍ତି । ଏହି ସଚିବସ୍ତରୀୟ ଅଧିକାରୀ ହେଲିକପ୍ଟରରେ ଜିଲ୍ଲା ବୁଲିବାକୁ କିଏ ଅନୁମତି ଦେଇଛି, ଟଙ୍କା କେଉଁଠୁ ଆସୁଛି ବୋଲି ଅପରାଜିତା ପ୍ରଶ୍ନ କରିଛନ୍ତି । ଦାସତ୍ୱ ଏତେମାତ୍ରାରେ ରହିଛି ଯେ ଏହି ନିମ୍ନ ପଦସ୍ଥ ଅଧିକାରୀ ଜିଲ୍ଲା ଗସ୍ତରେ ଯିବାର ୨/୩ଦିନ ପୂର୍ବରୁ ମନ୍ତ୍ରୀ ଓ ବିଧାୟକମାନେ ସେଠାକୁ ଯାଇ ବ୍ୟବସ୍ଥା କରୁଛନ୍ତି । ସମ୍ପୃକ୍ତ ଅଧିକାରୀ ପବ୍ଲିକ ମିଟିଂରେ ଯୋଗ ଦେବାବେଳେ କୌଣସି ଲୋକ ପ୍ରତିନିଧିଙ୍କୁ ମଂଚରେ ଦେଖିବାକୁ ମିଳୁନି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସେ ବୁଲୁଛନ୍ତି ବୋଲି ଲୋକଙ୍କୁ କହୁଛନ୍ତି । ତେବେ ମୁଖ୍ୟମନ୍ତ୍ରୀ କିଭଳି ଜଣେ ନିମ୍ନପଦସ୍ଥ ସରକାରୀ କର୍ମଚାରୀ ଯିଏକି ସଚିବସ୍ତରରେ କାର୍ଯ୍ୟ କରୁଛନ୍ତି ତାଙ୍କୁ ଏଭଳି ଶାସନ ବ୍ୟବସ୍ଥାକୁ ହାଇଜାକ୍ କରିବାକୁ ଅନୁମତି ଦେଲେ ବୋଲି ଶ୍ରୀମତୀ ଷଡ଼ଙ୍ଗୀ ପ୍ରଶ୍ନ କରିଛନ୍ତି । ଅପରପକ୍ଷରେ ଶ୍ରୀମତୀ ଷଡଙ୍ଗୀ ଅଭିଯୋଗ କରିଛନ୍ତି ଯେ ସମ୍ପୃକ୍ତ ଅଧିକାରୀ ଅଲଇଣ୍ଡିଆ ସର୍ଭିସ ରୁଲସକୁ ଉଲ୍ଲଙ୍ଘନ କରୁଛନ୍ତି । ନିୟମ ଅନୁଯାୟୀ କୌଣସି ସର୍ବଭାରତୀୟ ସେବା ଅଧିକାରୀ ପବ୍ଲିକ ମିଟିଂରେ ଯୋଗ ଦେଇପାରିବେ ନାହିଁ କିମ୍ବା ସର୍ବସାଧାରଣରେ ପ୍ରଶଂସା ସାଉଁଟିପାରିବେ ନାହିଁ । ସେହିପରି ସର୍ଭିସ ରୁଲସ ୫(୧)ରେ ମଧ୍ୟ ଏସବୁ ପାଇଁ ବାରଣ ରହିଛି ।ତଥାପି ସମ୍ପୃକ୍ତ ସଚିବ ଯୁଆଡ଼େ ଯାଉଛନ୍ତି, ତାଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା ହେଉଛି । ତାଙ୍କ ଉପରେ ଫୁଲ ପକାଯିବା, ପାଦ ଧୋଇବା ଫଟୋ ଆସୁଛି । ସରକାରୀ ଚାକିରି କରିବ, ସରକାରଙ୍କଠୁ ଦରମା ନେଇ ରାଜନୀତି କରିବ । ଯଦି ରାଜନୀତି କରିବାକୁ ଇଚ୍ଛା, ଚାକିରି ଛାଡ଼ି ମଇଦାନକୁ ଓହ୍ଲାନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି ।ଅଲଇଣ୍ଡିଆ ସର୍ଭିସ ରୁଲସର ଉଲ୍ଲଙ୍ଘନ ହେଉଛି କି ନାହିଁ, ସଚିବସ୍ତରର ଅଫିସରଙ୍କୁ କିଏ ହେଲିକପ୍ଟର ଦେଇ ଜିଲ୍ଲାକୁ ପଠାଉଛି, ତାଙ୍କ ପାଇଁ କାହିଁକି ଜିଲ୍ଲାସ୍ତରରେ ପ୍ରାୟୋଜିତ ପବ୍ଲିକ ମିଟିଂ ହେଉଛି, କିଏ ସେସବୁ ପଇସା ଖର୍ଚ୍ଚ କରୁଛି । ତାଙ୍କୁ ସମ୍ବର୍ଦ୍ଧନା କିଏ ଦେଉଛି ? ଜିଲ୍ଲାସ୍ତରରେ କ'ଣ ଏଭଳି ସମ୍ବର୍ଦ୍ଧନା ଓ ସଭାର ଆୟୋଜନ ମୁଖ୍ୟସଚିବଙ୍କ ପାଇଁ ହେଉଛି କି ବୋଲି ଶ୍ରୀମତୀ ଷଡ଼ଙ୍ଗୀ ପ୍ରଶ୍ନ କରିଛନ୍ତି ।ଆମେ ସମସ୍ତେ ଦେଖିଛେ ଯେ କିପରି ମୁଖ୍ୟମନ୍ତ୍ରୀ ତତ୍ପରତାର ସହ ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ ବିଭିନ୍ନ ମନ୍ତ୍ରୀମାନଙ୍କୁ ବହିଷ୍କାର କରିଛନ୍ତି । ଆମେ ନିଶ୍ଚିତ ଭାବରେ ଆଶା କରିବୁ ଯେ ଏହି କ୍ଷେତ୍ରରେ ମଧ୍ୟ ମୁଖ୍ୟମନ୍ତ୍ରୀ ଅନୁରୂପ ତତ୍ପରତା ଦେଖେଇବେ ଏବଂ ଉକ୍ତ ସଚିବଙ୍କ ଉପରେ ଆବଶ୍ୟକୀୟ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବେ । ଉଲ୍ଲେଖନୀୟ ବିଷୟ ଏହିକିଯେ, ଏହି ଅଧିକାରୀ ନିଜ ରାଜନୈତିକ ଅଭିଳାଷା ଚରିତାର୍ଥ କରିବା ପାଇଁ ଲାଳାୟିତ, ରାଜନୈତିକ ମଞ୍ଚ, ସଭା ସମିତିରେ ଯୋଗଦେବା ପାଇଁ ବ୍ୟାକୁଳ କିନ୍ତୁ ସରକାରୀ ଚାକିରୀ ଛାଡି ବିଧିବଦ୍ଧ ଭାବେ ରାଜନୀତିରେ ଯୋଗଦେବାର ଆବଶକୀୟ ସାହସ ନାହିଁ ବୋଲି ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି । ଯେଉଁଭଳି ଢଙ୍ଗରେ ଏହି ସାଧାରଣ ସଭା ଗୁଡିକ ଆୟୋଜନ କରାଯାଉଛି ଆମେ ଜାଣିବାକୁ ଚାହୁଁଛୁ ଯେ ଏହି ସଭାରେ ହେଉଥିବା ଖର୍ଚ୍ଚ କିଏ କରୁଛି ? ଏହା ସରକାରୀ କାର୍ଯ୍ୟକ୍ରମ କି ? ମୁଖ୍ୟ ଶାସନ ସଚିବ କିମ୍ବା ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଗସ୍ତରେ ଯେପରି ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ଏଭଳି କାର୍ଯ୍ୟକ୍ରମ କରାଯାଉଛି କି ? ମିଶନ ଶକ୍ତିର ସହ ସହ ମହିଳା ମାନଙ୍କୁ ସରକାରୀ ଖର୍ଚ୍ଚରେ ଏକତ୍ରିତ କରିବା ପାଇଁ କିଏ ନିର୍ଦ୍ଦେଶ ଦେଇଛି ? ଯଦି ଏହା ସରକାରୀ କାର୍ଯ୍ୟକ୍ରମ ନୁହେ ଏବଂ ଏହା ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଆୟୋଜନ କରିନାହାନ୍ତି ତାହେଲେ ଏହାର ଖର୍ଚ୍ଚ ବିଜୁ ଜନତା ଦଳ କରୁଛି କି ? ବିଜୁ ଜନତା ଦଳ ରାଜ୍ୟବାସୀଙ୍କ ନିକଟରେ ଏହି କାର୍ଯ୍ୟକ୍ରମରେ କେତେ ଅର୍ଥ ବ୍ୟୟ ହେଉଛି ତାର ସୂଚନା ଦେଉ ଏବଂ ଦଳୀୟ କାର୍ଯ୍ୟକ୍ରମରେ ନିର୍ଦ୍ଦିଷ୍ଟ ସରକାରୀ ଅଧିକାରୀଙ୍କ ଉପସ୍ଥିତି କିପରି ସମ୍ଭବ ବୋଲି ଶ୍ରୀମତୀ ଷଡ଼ଙ୍ଗୀ ପ୍ରଶ୍ନ କରିଛନ୍ତି ।

## ଜିଲାରେ ୩ ଲକ୍ଷ ୭ ହଜାର ଜମାକାରୀ ଚିଟ୍‌ଫଣ୍ଡ ଅର୍ଥ ଫେରସ୍ତ ଅପେକ୍ଷାରେ

ଭଦ୍ରକ,(ପି.ଏନ): ଜିଲାରେ ୩ ଲକ୍ଷ ୭ ହଜାର ଜମାକାରୀ ଚିଟ୍‌ଫଣ୍ଡ ଅର୍ଥ ଫେରସ୍ତ ଅପେକ୍ଷାରେ ଅଛନ୍ତି। ଚିଟ୍‌ଫଣ୍ଡର ଶୀକାର ହୋଇଥିବା ଜମାକାରୀଙ୍କ ଅର୍ଥ ଫେରସ୍ତରେ ଅହେତୁକ ବିଳମ୍ବ ଘଟୁଛି। ଏଥିପାଇଁ ସରକାର ଉଦ୍‌ବେଗ୍ ପ୍ରକାଶ କରୁଛନ୍ତି। ତହସିଲଦାରମାନଙ୍କ ଅବହେଳା ଯୋଗୁଁ ବିଳମ୍ବ ଘଟୁଥିବା ନେଇ ଆରଡିସି ଓ ଜିଲାପାଳ ବିଭିନ୍ନ ରାଜସ୍ୱ ସମୀକ୍ଷା ବୈଠକରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜମାକାରୀଙ୍କୁ ଶୀଘ୍ର ଅର୍ଥ ଫେରସ୍ତ ପାଇଁ ଜିଲାପାଳ ମାସିକିଆ ରାଜସ୍ୱ ବୈଠକରେ କଡା ତାଗିଦ କରିଚାଲିଛନ୍ତି। ତେବେ ଅନୁସନ୍ଧାନରୁ ଜଣାଯାଇଛି ଯେ ଜମାକାରୀଙ୍କୁ ଚିହ୍ନଟ କରିବା ଓ ଅର୍ଥ ଫେରାଇବା ଦାୟିତ୍ୱରେ ଆର.ଆଇ.ମାନେ ମୁଖ୍ୟ ଭୂମିକା ନିର୍ବାହ କରୁଛନ୍ତି। ତେବେ ଅର୍ଥ ଫେରସ୍ତ ପାଇଁ ପୂର୍ବରୁ ତରବରିଆ ଭାବେ ଆର.ଆଇ. ମାନେ ଚିହ୍ନଟ କରିଥିବା ଜମାକାରୀଙ୍କୁ ନେଇ ଏବେ ଅଡୁଆରେ ପଡିଛନ୍ତି। ଏବେ ଅର୍ଥ ଫେରସ୍ତ ସମୟରେ ବାସ୍ତବରେ ଜମାକାରୀମାନଙ୍କୁ ଚିହ୍ନଟ କରିପାରୁନଥିବାର ଜଣାଯାଇଛି। ଅପରପକ୍ଷରେ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଜମାକାରୀମାନଙ୍କ ଇଣ୍ଡେମ୍‌ନି ବଣ୍ଡ ଓ ଜମା ଅର୍ଥର ଅର୍ଜିନାଲ ରସିଦ୍ ଦାଖଲ କରିବା ପରେ ଅର୍ଥ ଫେରସ୍ତ ହେବ। ଅର୍ଜିନାଲ ମନି ରସିଦରେ ଯେତିକି ଟଙ୍କାର ଜମା ଦେଇଥିବେ, ସେତିକି ପେମେ ପାଇବେ। ଯଦି ମନି ରସିଦ୍‌ରେ ଅଧିକ ଜମା ଥାଏ, ତେବେ ସରକାର ମଂଜୁର କରିଥିବା ସେତିକି ଟଙ୍କା ପାଇବାର ନିର୍ଦ୍ଦେଶ ରହିଛି। ଏହି କାଗଜପତ୍ର ଦାଖଲ କରିବା ପରେ ଆର.ଆଇ. ଏହାକୁ କ୍ୟାନସଲ କରି ଅର୍ଥ ପ୍ରଦାନ ପାଇଁ ସୁପାରିଶ କରିବାର ବ୍ୟବସ୍ଥା ରହିଛି। ପରେ ପ୍ରଶାସନର ବିଧିବଦ୍ଧ ତନଖି ପରେ ଜମାକାରୀଙ୍କୁ ଅର୍ଥ ପ୍ରଦାନ କରାଯିବ। ସରକାରଙ୍କ ଏଭଳି ବ୍ୟବସ୍ଥାକୁ ଜମାକାରୀମାନେ ସହଜରେ ଗ୍ରହଣ ନକରି ସନ୍ଦେହ ଘେରରେ ରହୁଥିବାର ଜଣାଯାଇଛି। ଯାହାଫଳରେ କେତେକ ଜମାକାରୀ ଅର୍ଜିନାଲ ବଣ୍ଡ ଓ ମନି ରସିଦ୍ ଦାଖଲ କରିବାକୁ ଅରାଜି ହେଉଥିବାର ଜଣାଯାଇଛି। ଯାହାଫଳରେ ଅର୍ଥ ଫେରସ୍ତର ଲକ୍ଷ୍ୟଧାର୍ଯ୍ୟ ପୂରଣ ହେବାରେ ବିଳମ୍ବ ଘଟୁଛି। ସୂଚନାଯୋଗ୍ୟ ଜମାକାରୀମାନେ ଅତୀତରେ ରୋଜ୍‌ଭେଲି ସହ ସିସୋର, ବେସିଲ, କୋଲକାତା ଓ୍ୱାର, ଗ୍ରୀନ୍ ରଏ, ଏନେଜଲ ଅଲିଓ୍ୱାର୍ଡ, ଟୁର୍ ଟ୍ରାଭେଲ, ଏମ୍‌ଜିଏଲ୍, ଇନ୍‌ଫ୍ରାଷ୍ଟ୍ରକଚର ଭଳି ବହୁ ଚିଟଫଣ୍ଡ ସଂସ୍ଥାରେ ଅର୍ଥ ଜମା ରଖିଥିଲେ। ବିଭିନ୍ନ ଚିଟଫଣ୍ଡରେ ଅର୍ଥ ଜମା କରିଥିବା ହିତାଧିକାରୀମାନଙ୍କ କାଗଜପତ୍ରକୁ କମିଶନର ତଦନ୍ତ କରିବା ପରେ ପେମେ ପାଇଁ ପ୍ରଶାସନକୁ ବିଭିନ୍ନ ପର୍ଯ୍ୟାୟରେ ରିପୋର୍ଟମାନ ପଠାଇଛନ୍ତି। ଅଦ୍ୟାବଧି କମିଶନଙ୍କ ରୋଜ ଭେଲି ସହ ରିପୋର୍ଟ-୧, ୨, ୩, ୪, ୫, ୬ ଓ ୭ ପ୍ରଶାସନର ହସ୍ତଗତ ହୋଇଛି। ଏହି ରିପୋର୍ଟ ଅନୁଯାୟୀ ପ୍ରଶାସନ ତରଫରୁ ଜିଲାର ୭ ଟି ତହସିଲକୁ ଅର୍ଥ ପେମେ ନେଇ କମିଶନ ରିପୋର୍ଟ ଗୁଡିକର ତନଖି ପାଇଁ ପଠାଯାଇଛି। ତେବେ ପ୍ରଶାସନିକ ସୂଚନାରୁ ଜଣାଯାଇଛି ୨୦୨୦ ରେ ରୋଜଭେଲି ଚିଟଫଣ୍ଡର ୨୭୮୪୯ ଜମାକାରୀଙ୍କୁ ଅର୍ଥ ପ୍ରଦାନ ପାଇଁ ୧୨ କୋଟି ୯ ଲକ୍ଷ ୮ ହଜାର ୮୯୭ ଟଙ୍କା ସରକାର ମଂଜୁର କରିଥିଲେ। ଏହାମଧ୍ୟରୁ ୨୦୯୬୪ ଜଣ ଜମାକାରୀଙ୍କୁ ୯ କୋଟି ୧୧ ଲକ୍ଷ ୭୩ ହଜାର ୦୧୨ ଟଙ୍କା ପ୍ରଦାନ କରାଯାଇଛି। ୪୮୨୩ ଜଣ ଜମାକାରୀଙ୍କୁ ଚିହ୍ନଟ କରାଯାଇପାରିନାହିଁ। ଭଦ୍ରକ ତହସିଲରେ ୩୩୮, ବାସୁଦେବପୁରରେ ୨୫୨, ବନ୍ତରେ ୬୯, ଭଣ୍ଡାରିପୋଖରୀରେ ୯୦, ଚାନ୍ଦବାଲିରେ ୨୧୦୯, ଧାମନଗରରେ ୪୬୫ ଓ ତିହିଡିରେ ୧୫୦୦ ଜଣ ଜମାକାରୀଙ୍କୁ ଅର୍ଥ ପ୍ରଦାନ କରାଯାଇପାରିନାହିଁ। ସେହିପରି କମିଶନଙ୍କ ରିପୋର୍ଟ ୧ ଓ ୨ ରେ ୭ଟି ତହସିଲରେ ୧୬ ଜଣଙ୍କୁ ଅର୍ଥ ପ୍ରଦାନ କରାଯାଇନାହିଁ। ଅନ୍ୟପକ୍ଷରେ ରିପୋର୍ଟ-୩ ରେ ୯୨୩, ରିପୋର୍ଟ-୪ ରେ ୧୦୩୩, ରିପୋର୍ଟ-୫ ରେ ୪୯୫୩, ରିପୋର୍ଟ-୬ ରେ ୫୬୩୩ ଓ ରିପୋର୍ଟ-୭ ରେ ୧୯୦୮୦ ଜମାକାରୀଙ୍କ ଅର୍ଥ ପ୍ରଦାନ କରାଯାଇପାରିନାହିଁ। ସେହିପରି ଏମଏସ୍ ଗୋଲଡେନ ଚିଟଫଣ୍ଡରେ ୬ ଜଣ ଓ ହାଇଟେକ୍ ଚିଟଫଣ୍ଡରେ ୫୬୯ ଜଣଙ୍କୁ ମିଶାଇ ସମୁଦାୟ ଜିଲାର ୩ ଲକ୍ଷ ୭ ହଜାର ୩୬ ଜମାକାରୀଙ୍କୁ ଚିଟଫଣ୍ଡର ମଂଜୁର ଅର୍ଥ ଫେରସ୍ତ କରାଯାଇପାରିନାହିଁ।

### ବାହାନଗା ରେଳ ଦୁର୍ଘଟଣାରେ ଆଉ ଜଣେ ଆହତଙ୍କ ମୃତ୍ୟୁ

ଭୁବନେଶ୍ୱର,(ପି.ଏନ): ବାହାନଗା ରେଳ ଦୁର୍ଘଟଣାରେ ଆଉ ଜଣେ ଆହତଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିହାର ଅଂଚଳର ସୋହେଲ ମନସୁର । କଟକ ଏସ୍‌ସିବି ଟ୍ରମା ଆଇସିୟୁରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହାସହ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୨୯୧କୁ ବୃଦ୍ଧି ପାଇଛି। ଗତକାଲି ବିହାରର ବାସିନ୍ଦା ୧୭ ବର୍ଷୀୟ ପ୍ରକାଶ ରାମଙ୍କର ଏସସିବିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା।

## ଶ୍ରମିକ ନିରାକରଣ ପାଇଁ ଜିଲ୍ଲାସ୍ତରୀୟ କ୍ରିୟାନୁଷ୍ଠାନ ବୈଠକ, ୬ ମାସ ରୁ ୨ ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ୨୦ ହଜାର ରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା

ଭଦ୍ରକ,(ପି.ଏନ): ଶିଶୁ ଶ୍ରମିକ ନିରାକରଣ ପାଇଁ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ଶ୍ରମ ବିଭାଗ ଜରିଆରେ ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ କ୍ରିୟାନୁଷ୍ଠାନ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲ୍ଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଦେବରାଜ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶିଶୁମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଇ ସମାଜ ପାଇଁ କୁପ୍ରଭାବ ସୃଷ୍ଟି କରୁଥିବା ଶିଶୁ ଶ୍ରମିକ ଘଟଣାର ମୂଳୋତ୍ପାଟନ ପାଇଁ ତୃଣମୂଳସ୍ତରୁ ସଚେତନତା ସହ ଧରପଗଡ଼ ଓ ଆଇନାନୁଯାୟୀ ଦଣ୍ଡ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ଅଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଅଧାରୁ ପାଠ ଛାଡୁଥିବା ପିଲାମାନେ ଶିଶୁ ଶ୍ରମିକ ସାଜି କ୍ରମେ ନିଶା ଓ ଅପରାଧ ଆଡ଼କୁ ଢ଼ଳି ସମାଜ ପାଇଁ ସମସ୍ୟା ସୃଷ୍ଟି କରୁଥିବା କଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମହାନ୍ତି ପ୍ରକାଶ କରିଥିଲେ । କେତେକ କ୍ଷେତ୍ରରେ ଦାରିଦ୍ର୍ୟତା ମଧ୍ୟ ଶିଶୁ ଶ୍ରମିକର କାରଣ ବୋଲି ସି.ଡ଼ବ୍ଲ୍ୟୁ.ସି.ଅଧ୍ୟକ୍ଷ କହିଥିଲେ । ବିଭିନ୍ନ ସମୟରେ ଉଦ୍ଧାର କରାଯାଇଥିବା ଶିଶୁମାନେ ବିଶେଷ କରି ପାଠ ପଢ଼ା ପ୍ରତି ଆଗ୍ରହୀ ହେଉ ନଥିବାରୁ ସେମାନଙ୍କ ପାଇଁ ଦକ୍ଷତା ଭିତ୍ତିକ ଶିକ୍ଷାର ବ୍ୟବସ୍ଥା କରାଗଲେ ଅଧିକ ସୁଫଳ ମିଳିପାରନ୍ତା ବୋଲି ଚାଇଲଡ୍ ଲାଇନ୍‌ର ନିର୍ଦ୍ଦେଶିକା ସେକ୍ ସୋଫିଆ ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମର ସଂଯୋଜକ ଜିଲ୍ଲା ଶ୍ରମ ଅଧିକାରୀ ଶିଶୁ ଶ୍ରମିକ ନିଷେଧ ଆଇନ୍‌ର ବିଭିନ୍ନ ଦିଗ ଉପରେ ଆଲୋକ ପାତ କରିଥିଲେ । ଏହି ଆଇନ୍ ଅନୁଯାୟୀ ଶିଶୁ ଶ୍ରମିକ ନିଯୁକ୍ତିଦାତାଙ୍କ ପାଇଁ ସର୍ବନିମ୍ନ ୬ ମାସରୁ ସର୍ବାଧିକ ୨ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଓ ସର୍ବନିମ୍ନ ୨୦ ହଜାର ଟଙ୍କାରୁ ସର୍ବାଧିକ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା କିମ୍ବା ଉଭୟ ବ୍ୟବସ୍ଥା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ୧୪ ବର୍ଷରୁ କମ୍ ପିଲାଙ୍କୁ କୌଣସି ପେଷା ବା ଶ୍ରମ ପ୍ରକ୍ରିୟାରେ ନିୟୋଜନ କରାଯିବା ନିଷିଦ୍ଧ ହୋଇଛି । ୧୪ ରୁ ଅଧିକ ଏବଂ ୧୮ ବର୍ଷରୁ କମ ବୟସର କିଶୋର ମାନଙ୍କୁ କୌଣସି ବିପଜ୍ଜନକ ପେଷା କିମ୍ବା ପ୍ରକ୍ରିୟାରେ ନିୟୋଜିତ କରିବାକୁ ଅନୁମତି ଦିଆଯିବ ନାହିଁ । ଅଣ ବିପଜ୍ଜନକ କାର୍ଯ୍ୟରେ କିଶୋର ଶ୍ରମ ନିୟୋଜିତ ହୋଇ ପାରିବ । ଦୁଇଟି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଶିଶୁ ଶ୍ରମକୁ ଅନୁମତି ଦିଆଯାଇଛି । ଜଣେ ଶିଶୁର ସ୍କୁଲଶିକ୍ଷାକୁ ବାଧାଗ୍ରସ୍ତ ନକରି ସେହି ଶିଶୁକୁ ସ୍କୁଲ ନିର୍ଘ ବାହାରେ ନିଜ ପରିବାର କାର୍ଯ୍ୟ ବା ପରିବାରର କୌଣସି ଉଦ୍ୟୋଗରେ ସାହାଯ୍ୟ କରିବା ପାଇଁ ଅନୁମତି ଦିଆଯାଇପାରିବ ଯାହା ବିପଜ୍ଜନକ ପେଷା ବା ପ୍ରକ୍ରିୟା ହୋଇ ନଥିବ । ଏ ସବୁ ବିଷୟରେ ବିଶଦ ଭାବେ ଆଲୋଚନା କରାଯାଇଥିଲା ।

### ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

## ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତ୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

## ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ବେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

### ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତ୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

## ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତ୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।




2023-2024

ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
Special discount for new admission before 15.03.2023
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

# ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯବେକ୍ଷକ

Bhubaneswar Tuesday June 20, 2023 ଭୁବନେଶ୍ୱର ମଙ୍ଗଳବାର, ଜୁନ ୨୦,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଘୋଷଯାତ୍ରା ପାଇଁ ଶ୍ରୀ ବାଣୀକ୍ଷେତ୍ର ଚଳଚଞ୍ଚଳ

ଭୁବନେଶ୍ୱର,(ପି.ଏନ): ଘୋଷଯାତ୍ରା ପାଇଁ ଶ୍ରୀ ବାଣୀକ୍ଷେତ୍ରରେ ସମସ୍ତ ପ୍ରକାର ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି। ଶ୍ରୀ ବାଣୀକ୍ଷେତ୍ର ରଥଯାତ୍ରା ହେଉଛି ଭୁବନେଶ୍ୱରର ଅନ୍ୟତମ ବଡ଼ ରଥଯାତ୍ରା। ରଥଯାତ୍ରା ପାଇଁ ଶ୍ରୀ ବାଣୀକ୍ଷେତ୍ର ଚଳଚଞ୍ଚଳ ହୋଇ ଉଠିଛି। ଅକ୍ଷୟ ତୃତୀୟାଠାରୁ ରଥ ନିର୍ମାଣ ଅନୁକୂଳ ଆରମ୍ଭରୁ ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥାଏ। ଅକ୍ଷୟ ତୃତୀୟାଠାରୁ କିଟ୍, କିସ୍ ଓ ଶ୍ରୀ ବାଣୀକ୍ଷେତ୍ର କିଟ୍ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମୟକୁ ସମୟ ରଥଯାତ୍ରା ଯେଭଳି ସୁରୁଖୁରୁରେ ସମ୍ପର୍ଣ୍ଣ ହୋଇପାରିବ ସେ ନେଇ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀ ସାମନ୍ତଙ୍କ ଅଧ୍ୟକ୍ଷତାରେ ଶନିବାର ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ଦିର ଟ୍ରଷ୍ଟ ପକ୍ଷରୁ ପ୍ରସ୍ତୁତ ରଥଯାତ୍ରା ନୀତି ନିର୍ଘଣ୍ଟ ଅନୁଯାୟୀ ସୋମବାର ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ମହାପ୍ରଭୁଙ୍କ କାର୍ଯ୍ୟସୂଚୀ ଅନୁଯାୟୀ ସୂର୍ଯ୍ୟ ପୂଜା, ରୋଷ ହୋମ,



ରଥ ପ୍ରତିଷ୍ଠା ଆଦି ନୀତିକାନ୍ତି ସମ୍ପନ୍ନ ପରେ ପୂର୍ବାହ୍ନ ୧୦ ଘଟିକାରେ ତିନି ଠାକୁରଙ୍କ ପହଣ୍ଡି ଆରମ୍ଭ ହେବ। ସେହିପରି ଅପରାହ୍ନ ୩ଟାରୁ ୪ଟା ମଧ୍ୟରେ ଛେରା ପହଁରା ନୀତି ସମ୍ପନ୍ନ ପରେ ଅପରାହ୍ନ ୪.୩୦ରୁ ରଥଟଣା ଆରମ୍ଭ ପାଇଁ ନୀତି ନିର୍ଘଣ୍ଟ କରାଯାଇଛି। ରଥଯାତ୍ରା ସମୟରେ ଶ୍ରୀବାଣୀକ୍ଷେତ୍ରରେ ୩୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ସମାଗମକୁ ଦୃଷ୍ଟିରେ ରଖି ଶୃଙ୍ଖଳାର ସହ ରଥଟଣା ପାଇଁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟପକ ବନ୍ଦୋବସ୍ତ କରାଯାଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାନୀୟ ଜଳ ବଣ୍ଟନ ଓ ଜଳ ସିଞ୍ଚନର ବ୍ୟବସ୍ଥା ମଧ୍ୟ କରାଯାଇଛି। ଶିଖରଚଣ୍ଡୀ ପାଦ ଦେଶରେ ଥିବା ସ୍ଥାୟୀ ଗୁଣ୍ଡିଚା ମନ୍ଦିରରେ ଠାକୁରମାନେ ପହଞ୍ଚିବା ପରେ ଏଠାରେ ନବଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ବିରାଟ ମୀନାବଜାର ସହ ପ୍ରତ୍ୟେହ ସଂଧ୍ୟାରେ ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ସମାରୋହର ଆୟୋଜନ କରାଯାଇଛି।

## ଅମଲା ସଂଘର ଧାରଣାର ସୁଯୋଗ ନେଇ ଜିଲ୍ଲାରେ ଚାଲିଛି ବେଆଇନ ନିର୍ମାଣ

କେନ୍ଦ୍ରାପଡ଼ା, (ପି.ଏନ): ଜିଲ୍ଲା ସ୍ତରୀୟ ମିଳିତ ଅମଲା ମଂଚର ଆନ୍ଦୋଳନ ୧୮ ଦିନରେ ପହଁଚିଛି। ଏପଟେ ଦୈନିକ ଶହ ଶହ ଜନ ସାଧାରଣ ଜିଲ୍ଲା କାର୍ଯ୍ୟାଳୟ କୁ ଆସି ଜରୁରୀ କାଳୀନ ସେବା ନପାଇ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। ଅମଲା ସଂଘର ଧାରଣାର ସୁଯୋଗ ନେଇ ଜିଲ୍ଲାରେ ଚାଲିଛି ବେଆଇନ ନିର୍ମାଣ କାର୍ଯ୍ୟ। ଏଥିସହିତ ଜିଲ୍ଲାର ବିଭିନ୍ନ ଅଂଚଳରୁ ଛାତ୍ରଛାତ୍ରୀ, ମହିଳା, ବୃଦ୍ଧ ବିଭିନ୍ନ କାମ ନେଇ ଜିଲ୍ଲା କାର୍ଯ୍ୟାଳୟ କୁ ଆସୁଥିବାରୁ କୌଣସି କିରାଣୀ ଉପସ୍ଥିତ ନଥିବାରୁ ଏମାନେ ନିରାଶ ହୋଇ ଫେରି ଯାଉଛନ୍ତି। ଜିଲ୍ଲା କାର୍ଯ୍ୟାଳୟରେ କେବଳ ବରିଷ୍ଠ ଅଧିକାରୀ ମାନେ ଟେବୁଲ ଜଗି ବସିଥିବା ବେଳେ ଲୋକ ମାନଙ୍କ ସମସ୍ୟା ସମାଧାନ ହୋଇପାରୁ ନାହିଁ। ଏପଟେ ଦାବି ପୁରଣ ନହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଜିଲ୍ଲା ସ୍ତରୀୟ ମିଳିତ ଅମଲା ମଂଚ ତରଫରୁ ପ୍ରକାଶ କରାଯାଇଛି।

## ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ



ଫୁଲନଖରା,(ପି.ଏନ): ବାରଙ୍ଗ ବ୍ଲକ ଅନ୍ତର୍ଗତ ୧୬ ଗୋଟି ପଞ୍ଚାୟତ ରେ ଆଗାମୀ ଦିନରେ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଏକ ବୈଠକ ବ୍ଲକ କନଫରେନସ୍ ଗୃହ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ବିଜୟ କେତନ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଅତିରିକ୍ତ ତହସିଲଦାର୍ ବାରଙ୍ଗ, ସହକାରୀ ନିର୍ବାହୀ ଅଧିକାରୀ ଇଂ ଆଦିତ୍ୟ ନାରାୟଣ ମିଶ୍ର, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଗାମୀ ଦିନରେ ବିପର୍ଯ୍ୟୟ ମୁକାବିଲା ପାଇଁ ସୁଚିନ୍ତିତ ମତାମତ ରଖିଥିଲେ। ବ୍ଲକ ପଶୁ ସମ୍ପଦ ଅଧିକାରୀ ଡାଃ ପ୍ରଶାନ୍ତ କୁମାର ବିଶ୍ୱାଳ, ଜଳ ଓ ପରିମଳ ସହକାରୀ ଯନ୍ତ୍ରୀ ଇଂ ସୁଶାନ୍ତ କୁମାର ସେଠୀ. ବ୍ଲକ ଯୋଗାଣ ଅଧିକାରିଣୀ ବିଷ୍ଣୁ ପ୍ରିୟା ନାୟକ, କନିଷ୍ଠ ଯନ୍ତ୍ରୀ ମାନସ କୁମାର ଉପାଧ୍ୟାୟ, ଜୟଶ୍ରୀ ରାଉତ, ଦେବସ୍ମିତା ଲେଙ୍କା, ବ୍ଲକ ଅଗ୍ନିଶମ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ବିପର୍ଯ୍ୟୟ ମୁକାବିଲା ନିମନ୍ତେ ତାଙ୍କର ମୂଲ୍ୟବାନ ମତାମତ ପୋଷଣ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ତାଲିମପ୍ରାପ୍ତ ଆପଦ ମିତ୍ର ଇଂ ଶଶିଭୂଷଣ ଦାଶ, ପ୍ରାଚୀନା ଦାସ, ଅଜିତ୍ କୁମାର ଦାସ, ସୌମ୍ୟକାନ୍ତ ଲେଙ୍କା, ରାଜେଶ୍ୱରୀ ଦାଶ, ସୂର୍ଯ୍ୟକାନ୍ତି ମାଝୀ, ରାମଚନ୍ଦ୍ର ପ୍ରଧାନ,ସାଧନା ଜେନା, ମନୋଜ ରାଉତ ଉପସ୍ଥିତ ରହି ତାଙ୍କ ତାଲିମ ମାଧ୍ୟମରେ କିଭଳି ଭାବରେ ବିପର୍ଯ୍ୟୟ ମୁକାବିଲା କରିହେବ ତାହା ଆଲୋକପାତ କରିଥିଲେ। ନୋଡାଲ ଏନ୍.ଜୀ.ଓ ର ସମ୍ପାଦିକା ମୀନତି ବିନ୍ଧାଣୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ପରିବେଶ ସୁରକ୍ଷା ପାଇଁ ପଶ୍ଚିମ ବଙ୍ଗର ଯୁବକଙ୍କ ସାଇକେଲ ଯାତ୍ରା

କେନ୍ଦ୍ରାପଡ଼ା, (ପି.ଏନ): ପଶ୍ଚିମ ବଙ୍ଗର ଯୁବକ ପରିବେଶ ସୁରକ୍ଷା ପାଇଁ ସାଇକେଲ କରୁଛନ୍ତି ଭାରତ ଭ୍ରମଣ କରୁଥିବା ଜଣାପଡିଛି। ବିଶ୍ୱ ଶାନ୍ତି, ପରିବେଶ ସୁରକ୍ଷା, ବୃକ୍ଷ ରୋପଣ ଉଦ୍ଦେଶ୍ୟ ନେଇ ପଶ୍ଚିମ ବଙ୍ଗର ଜଣେ ଯୁବକ ସାଇକେଲ ରେ ଭାରତ ଭ୍ରମଣ ନିମନ୍ତେ ବାହାରି କେନ୍ଦ୍ରାପଡା ରେ ପହଁଚିଛନ୍ତି। ପଶ୍ଚିମବଙ୍ଗ ଦକ୍ଷିଣ ଚବିଶପ୍ରଗଣା ଜିଲ୍ଲାର ସୁନାରପୁର ଥାନା ଅନ୍ତର୍ଗତ ସୁବାଷ ଗ୍ରାମର ରାମ ପ୍ରସାଦ ନସକର ଶନିବାର କେନ୍ଦ୍ରାପଡାରେ ପହଁଚିବା ପରେ ସାଧାରଣ ଲୋକ ମାନଙ୍କୁ ଭେଟି ପରିବେଶ ସୁରକ୍ଷା, ବୃକ୍ଷରୋପଣ ପାଇଁ ସଚେତନ କରାଇଥିବା ଦେଖିବାକୁ ମିଳିଛି। ଶ୍ରୀ ନସକର ଓଡିଶାର ୨୬ଟି ଜିଲ୍ଲା ବୁଲି ସାରିଥିବା ବେଳେ କେନ୍ଦ୍ରାପଡାରୁ ଇନ୍ଦୁପୁର ଦେଇ ଯାଜପୁର ଜିଲ୍ଲାକୁ ଯାଇଥିବା ଜଣାପଡିଛି। ବିଭିନ୍ନ ଜିଲ୍ଲାକୁ ପ୍ରବେଶ କରିବା ପରେ ସେଠାକାର ବୁଦ୍ଧିଜୀବି, ସମାଜସେବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା ମାନଙ୍କୁ ଭେଟି ସେମାନଙ୍କ ସହିତ ଆଲୋଚନା କରି ଶାନ୍ତିର ବାର୍ତା ପହଁଚାଇବା ସହ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଓ ବୃକ୍ଷକୁ ବଂଚାଇବା ନିମନ୍ତେ ଆଲୋଚନା କରିଛନ୍ତି। ଶ୍ରୀ ନସକର କେନ୍ଦ୍ରାପଡାରେ ପହଁଚିବା ପରେ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇ ଥିବା ଜଣାପଡିଛି।

## ଅଘୋଷିତ ବିଦ୍ୟୁତ କାଟ୍ ଓ ଅହେତୁକ ବିଦ୍ୟୁତ ଦେୟ ବୃଦ୍ଧି ପ୍ରତିବାଦରେ ରାଜ୍ୟ କଂଗ୍ରେସର ଗ୍ରୀଡ଼୍କୋ କାର୍ଯ୍ୟାଳୟ ଠାରେ ବିକ୍ଷୋଭ

ଭୁବନେଶ୍ୱର, (ପି.ଏନ): ବାରମ୍ବାର ବିଦ୍ୟୁତ କାଟ୍ ଓ ଅହେତକ ବିଦ୍ୟୁତ ଦର ବୃଦ୍ଧି ତଥା ବିଦ୍ୟୁତ ବିତରକ କମ୍ପାନୀ ମାନଙ୍କ ଦ୍ୱାରା ଓଡ଼ିଶାର ବିଦ୍ୟୁତ ଗ୍ରାହକଙ୍କୁ ଶୋଷଣ କରିବା ବିରୁଦ୍ଧରେ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ହଜାର ହଜାର କଂଗ୍ରେସ କର୍ମୀ, ନେତୃବୃନ୍ଧ ଭୁବନେଶ୍ୱରସ୍ଥିତ ଗ୍ରୀଡ଼କୋ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହିତ ଗ୍ରୀଡ଼କୋ ଚେୟାରମ୍ୟାନଙ୍କ ଉଦ୍ଦ୍ୟେଶରେ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶା ଭାରତ ବର୍ଷର ପ୍ରଥମ ରାଜ୍ୟ ବିଦ୍ୟୁତ କ୍ଷେତ୍ରରେ ସଂସ୍କାର ଆଣିବାରେ କିନ୍ତୁ ଦୀର୍ଘ ୨୮ ବର୍ଷ ମଧ୍ୟରେ ଓଡ଼ିଶା ହେଉଛି ଭାରତ ବର୍ଷର ଏକମାତ୍ର ରାଜ୍ୟ, ଯେଉଁ ରାଜ୍ୟରେ ବିଦ୍ୟୁତ ଗ୍ରାହକଙ୍କୁ ବିତରକ କମ୍ପାନୀମାନେ ବିଭିନ୍ନ ଉପାୟରେ ଶୋଷଣ କରୁଛନ୍ତି ଏବଂ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ସେମାନଙ୍କ ପାଇଁ ସାତ ସପନ। ଯଦିଚ ଓଡ଼ିଶା ଏକ ବିଦ୍ୟୁତ ବଳକା ରାଜ୍ୟ। ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଘନ ଘନ ଅଘୋଷିତ ବିଦ୍ୟୁତ କାଟ୍ ସହରାଂଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଏହି ଦୁଃଖକୁ ଦୁଇ ଗୁଣିତ କରିଛି। ୨୦୦୦ ମସିହା ଠାରୁ ବିଜେଡ଼ି ସରକାର ୨୦୨୩ ମସିହା ମଧ୍ୟରେ ୪୨ ହଜାର କୋଟି ଟଙ୍କା ବିଦ୍ୟୁତ ଭିତିଭୂମିର ବିକାଶ ପାଇଁ ଖର୍ଚ୍ଚ କରିଛନ୍ତି ବୋଲି କହିଛନ୍ତି। ୨୦୧୦ ମସିହାରୁ ୨୦୨୩ ମସିହା ମଧ୍ୟରେ ୨୦ ହଜାର କୋଟି ଟଙ୍କା ବିଦ୍ୟୁତ ଭିତିଭୂମିର ବିକାଶ ପାଇଁ ଖର୍ଚ୍ଚ ହୋଇଛି ବୋଲି ସରକାର ପ୍ରକାଶ କରିଛନ୍ତି। କିନ୍ତୁ ୫ ହଜାର କୋଟି ଟଙ୍କା ଟାଟା ପାୱାର ବିତରକ କମ୍ପାନୀକୁ ଦେଲା ପରେ ବାକି ୧୫ ହଜାର କୋଟି ଟଙ୍କା କିଏ କିଭଳି ଭାବରେ ଏବଂ କେଉଁ ସବୁ ସାମଗ୍ରୀ କିଣାଯାଇଛି ତା'ର ହିସାବ ଏ ରାଜ୍ୟର ଶକ୍ତି ବିଭାଗର ମନ୍ତ୍ରୀ, ସଚୀବ, ମୁଖ୍ୟ ଶାସନ ସଚିବ ଏପରିକି ଖୋଦ ମୁଖ୍ୟମନ୍ତ୍ରୀ ଉତର ଦେଉନାହାନ୍ତି। ହଜାର ହଜାର କୋଟି ଟଙ୍କା ବିଦ୍ୟୁତ ଭିତିଭୂମି ବିକାଶ ନାମରେ ହରିଲୁଟ୍ ଏ ସରକାର କରିଛି ବୋଲି ଆଜି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ଗଣମାଧ୍ୟମକୁ ସମ୍ବୋଧିତ



କରି କହିଛନ୍ତି। ଶ୍ରୀ ପଟ୍ଟନାୟକ ଦାବୀ କରିଛନ୍ତି ଯେ, ସରକାର ବିଗତ ୨୩ ବର୍ଷ ଭିତରେ ବିଦ୍ୟୁତ ଭିତିଭୂମି ପାଇଁ ଯେଉଁ ସବୁ ଖର୍ଚ୍ଚ କରିଛନ୍ତି ତା'ର ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ। ବିଦ୍ୟୁତ ଦର ୟୁନିଟ୍ ପିଛା ପ୍ରଥମ ସ୍ଲାବର ୟୁନିଟ୍ ପିଛା ୨ ଟଙ୍କାକୁ ହ୍ରାସ କରନ୍ତୁ। ତତ୍‌ସହିତ ସାରା ରାଜ୍ୟରେ ଗ୍ରାହକମାନଙ୍କ ପକ୍ଷରୁ ବିଦ୍ୟୁତ ବିଲ୍ ଗୋଟିଏ ନିର୍ଦ୍ଦିଷ୍ଟ ତାରିଖରେ ଗ୍ରାହକଙ୍କୁ ପ୍ରଦାନ କରନ୍ତୁ। ବାରମ୍ବାର ବିଦ୍ୟୁତ କାଟ୍ ତୁରନ୍ତ ବନ୍ଦ କରିବା ସହିତ ଗୁଣାତ୍ମକ ବିଦ୍ୟୁତ ଯୋଗାଣକୁ ସରକାର ନିଶ୍ଚିତ କରାନ୍ତୁ। ରାଜ୍ୟର କୃଷକମାନଙ୍କୁ ରିହାତି ଦରରେ ବିଦ୍ୟୁତ ଯୋଗାଇଦେବା କଥା ଘୋଷଣାରେ ନ ରହୁ। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରନ୍ତୁ। ଯଦି ଟାଟା ପାୱାର ବକେୟା ବିଲ୍ ଆଦାୟ କରିବା ସମୟରେ ଜୋର ଜୁଲମ କରୁଛନ୍ତି, ତାହାଲେ ଆପଣଙ୍କ ଅଂଚଳର କଂଗ୍ରେସ ନେତୃବର୍ଗଙ୍କୁ ଜଣାନ୍ତୁ। ଉପରୋକ୍ତ ଦାବିକୁ ସରକାର ଯଦି ନ ମାନନ୍ତି କଂଗ୍ରେସ ଦଳ ଆସନ୍ତା ଦିନ ସାରା ରାଜ୍ୟରେ ଜିଲ୍ଲା ଠାରୁ ବ୍ଲକ ସ୍ତର ପର୍ଯ୍ୟନ୍ତ ସମସ୍ତ ବିଦ୍ୟୁତ ବିତରକ କମ୍ପାନୀ କାର୍ଯ୍ୟାଳୟ ଠାରେ ବିକ୍ଷୋଭ କରିବା ସହିତ ଜନଆନ୍ଦୋଳନ କରିବ। ଏହି ବିକ୍ଷୋଭ କାର୍ଯ୍ୟକ୍ରମକୁ ପ୍ରଦେଶ କଂଗ୍ରେସ କମିଟିର ବରିଷ୍ଠ ନେତା ତଥା ବିଧାୟକ ଶ୍ରୀଯୁକ୍ତ ସୁରେଶ କୁମାର ରାଉତରାୟ ଏହି ସଭାକୁ ପରିଚାଳନା କରିଥିଲେ। ଉପସଭାପତି ଶ୍ରୀ ଶୁଭେନ୍ଦୁ ମହାନ୍ତି ସଂଚାଳନ କରିଥିଲେ। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଜୟଦେବ ଜେନା, ଶ୍ରୀ ପ୍ରସାଦ ହରିଚନ୍ଦନ, ଶ୍ରୀ ଜଗନ୍ନାଥ ପଟ୍ଟନାୟକ, ଅନନ୍ତ ସେଠୀ, ଗଣେଶ୍ୱର ବେହେରା, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ସନ୍ତୋଷ ସିଂ ସାଲୁଜା, ଯୁଧିଷ୍ଠିର ଜେନା, ଦାଶରଥି ଗମାଙ୍ଗୋ, ସି.ଏସ୍. ରାଜନ ଏକ୍କା, ବନ୍ଦିତା ପରିଡ଼ା, ଗୀତାଳୀ ମହାନ୍ତି, ୟାସିର ନୱାଜ, ସୁବ୍ରତ ମହାପାତ୍ର, ନକୁଳ ନାଏକ, ସୁରେଶ କୁମାର ମହାପାତ୍ର, ହେମନ୍ତ ଦାସ, ସଂଗ୍ରାମ ମିଶ୍ର, ଅମୀୟ ପଟ୍ଟନାୟକ, ବାଙ୍କନିଧି ବେହେରା, ଜୟୀ ପଟ୍ଟନାୟକ, ସେମ୍ ହେମ୍ବ୍ରମ, ମନୋଜ ରାଉତ, ଅଂଶୁମାନ ମହାନ୍ତି, ନଟବର ବାରିକ, ଆଶଫ ଅଲ୍ଲି ଖାଁ, ବିରେନ ସେନାପତି, ଦେବବ୍ରତ ବିହାରୀ, ଅନାମ ନାୟକ, ମନୋରଜ ଦାସ, ଜନକୀବଲ୍ଲଭ ପଟ୍ଟନାୟକ, ରଶ୍ମି ମହାପାତ୍ର, ଲୋକନାଥ ମହାରଥି, ନିରନ ନାୟକ, ସୁରେନ୍ଦ୍ର ପରମାଣିକ, ଅକ୍ଷୟ ଆଚାର୍ଯ୍ୟ, ଚିତ ରଜ ଷଡ଼ଙ୍ଗୀ, ବିଶ୍ୱରଜ ମହାନ୍ତି, ସ୍ମୃତି ରନ ଲେଙ୍କା, ଅଶୋକ ଦାସ, ଶ୍ରୀନିବାସ ରାଉତରାୟ, ସନ୍ତୋଷ ନନ୍ଦ, ବିଦୁଭୂଷଣ ତ୍ରିପାଠୀ, ରଜନୀ ମହାନ୍ତି, ହଳଧର ସେଠୀ, ରାଜୁ ବାରିକ, ବିଦ୍ୟାଧର ମହାନ୍ତି, ଅମିତା ବିଶ୍ୱାଳ, ରାଜୀବ ପଟ୍ଟନାୟକ, ଚିନ୍ମୟ ସୁନ୍ଦର ଦାସ, ମାନସ ଆଚାର୍ଯ୍ୟ, ତରୁଣ ମିଶ୍ର, ପୁଷ୍ପିତା ଦାସ, ଶ୍ରୀଧର ବଳିଆରସିଂ, ପ୍ରଭାତ ପ୍ରତାପ ସିଂ, ଦେବରାଜ ମିଶ୍ର, ମନୋରଜ ଜେନା, ଶ୍ରୀୟା ପଣ୍ଡା, ଜୟକୃଷ୍ଣ ସୁବୁଦ୍ଧି, ଅକ୍ଷୟ ଦାସ, ଶ୍ରେୟା ମହାନ୍ତି, ପମି ମିଶ୍ର, ଜୟଶ୍ରୀ ପାତ୍ର, ସୁଭଦ୍ରା ମିଶ୍ର, ପ୍ରସନ୍ନ ନାୟକ, ସୌମେନ୍ଦ୍ର ମହାନ୍ତି, ବିଶ୍ୱକଲ୍ୟାଣି କର, ଚୈତାଳି ପଟ୍ଟନାୟକ, ମିତ୍ରଭାନୁ ମହାପାତ୍ର, ମିନତି ସାହୁ, ମନୋଜ ସାହୁ, ମଧୁସ୍ମିତ ଆଚାର୍ଯ୍ୟ, କନକଲତା ମଲ୍ଲିକ, ନିରୁପମା ପାତ୍ର, ନିରୁପମା ଦାସ, ଅପର୍ଣ୍ଣା ଧିର, ଆରତି ଦେଓ, ଦେଓ ପ୍ରସାଦ, ମିହିର ଆଚାର୍ଯ୍ୟ, ନିଶିକାନ୍ତ ମିଶ୍ର, ଦୀପକ ସାହୁ, ବିଜୟ ପ୍ରଧାନ, ଅମୀୟ ପାଣ୍ଡବ, ରିତ ପାତ୍ର, ନାରାୟଣ ଚନ୍ଦ୍ର ଜେନା, ପ୍ରଶନ୍ନ ପାଇକରାୟ, ଦେବୀ ପ୍ରସାଦ ବାହାଲିଆ ଓ ବହୁ କଂଗ୍ରେସ ନେତୃବର୍ଗ, କର୍ମୀ ଓ ପିସିସିର କର୍ମକର୍ତାମାନେ ଉପସ୍ଥିତ ଥିଲେ। ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ଶରତ ପଟ୍ଟନାୟକ ସମସ୍ତ ବରିଷ୍ଠ ନେତୃବର୍ଗ, ଜିଲ୍ଲାସଭାପତି, ମହିଳା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ ଓ ବିଭିନ୍ନ ପ୍ରକୋଷ୍ଠ ଓ ବିଭାଗର ନେତୃବୃନ୍ଦ ତଥା ପ୍ରଦେଶ କଂଗ୍ରେସ କମିଟିର ନେତୃବୃନ୍ଦ ଓ କଂଗ୍ରେସ କର୍ମୀଙ୍କୁ ଅଶେଷ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray